بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 10

ସମ୍ପାଦକ:
କମ୍ଗୁଲ୍ ହକ୍ ଖାନ୍

ସହ ସମ୍ପାଦକ:
ସୟଦ୍ ଅତାଉଲ୍ ୱାହାବ୍

ସାପ୍ତାହିକ ବଦର
Weekly BADAR Qadian
କାଦିଆନ
Odia

ସଂଖ୍ୟା: 39
ବାର୍ଷିକ ଦେୟ : 600/-

02 ରବିଉସ୍ ସାନି 1447 ହି.କ, 25 ତବୁକ୍ 1404 ହି.ଶ, 25 September 2025 ମସିହା
www.akhbarbadr.in


## ଅଲାଃତାଲାଙ୍କ ବାଣୀ

يٰۤاَيُّهَا الَّذِيۡنَ اٰمَنُوۡا لَا تَخُوۡنُوا اللّٰهَ وَالرَّسُوۡلَ وَتَخُوۡنُوۡۤا اَمٰنٰتِكُمۡ وَاَنۡتُمۡ تَعۡلَمُوۡنَ

(ଅଲ୍ ଅନଫାଲ୍: 28)

**ଅନୁବାଦ:** ହେ ବିଶ୍ୱାସକାରୀମାନେ! ତୁମେମାନେ ଆଜ୍ଞାନୁବର୍ତ୍ତିତାର ପରିସର ମଧ୍ୟକୁ ଆସି (ରହି) ଓ ସଇତାନର ପଦାଙ୍କ ଅନୁସରଣ କର ନାହିଁ । ବାସ୍ତବରେ ସେ (ସଇତାନ) ତୁମମାନଙ୍କର ପ୍ରକାଶ୍ୟ ଶତ୍ରୁ ।

## ଅହମଦିୟା ଖବର

**ଅଲହମଦୁ ଲିଲ୍ଲାଃ** ! ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍‌ୱର୍ ଅ.ବ ସକୁଶଳେ ଅଛନ୍ତି ।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍‌ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍‌ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍‌ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

## ଆଁହଜରତ ସ.ଅଙ୍କ ବାଣୀ

### ଅଧୀନସ୍ଥ ସେବକମାନଙ୍କ ପ୍ରତି ଉତ୍ତମ ଆଚରଣ ପ୍ରଦର୍ଶନ

ହ. ଇମାମ୍ ଅବୁ ହନିଫା ର.ଅ ଅତାଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ଅତା ଅନେକ ସାହାବାମାନଙ୍କ ଠାରୁ ଉକ୍ତ ଘଟଣାଟି ଶୁଣିଛନ୍ତି । ଘଟଣାଟି ଏହିପରି ଯେ, ହ. ଅବ୍‌ଦୁଲ୍ଲାଃ ବିନ୍ ରୱାହା ର.ଅଙ୍କ ଏକ ଦାସୀ ଥିଲା । ଉକ୍ତ ଦାସୀ ଜଣକ ହ. ଅବ୍‌ଦୁଲ୍ଲାଃ ବିନ୍ ରୱାହା ର.ଅଙ୍କ ଛେଳୀ ଚରାଉଥିଲା। ଅବ୍‌ଦୁଲ୍ଲାଃ ବିନ୍ ରୱାହା ତା'କୁ ଏକ ଛେଳୀର ବିଶେଷ ରୂପେ ଯତ୍ନ ନେବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ଦିନେ ସେହି ଛେଳୀ ଚରାଳୀ ଦାସୀ ଜଣକ ଅନ୍ୟ ଜୀବମାନଙ୍କର ଦେଖାଶୁଣାରେ ବ୍ୟସ୍ତ ରହିଲା । ଠିକ୍ ସେତିକିବେଳେ ଏକ ହେଟା ବାଘ ଆସି ସେହି ଛେଳୀକୁ ବିଦୀର୍ଣ୍ଣ (ଝୁଣି) କରିଦେଲା। ହ. ଅବ୍‌ଦୁଲ୍ଲାଃ ବିନ୍ ରୱାହା ଉକ୍ତ ଛେଳୀକୁ ଆଉ ଦେଖିବାକୁ ନପାଇ ଦାସୀକୁ ଉକ୍ତ ଛେଳୀ ସଂପର୍କରେ ପଚାରିଲେ । ଚରାଳୀ ଦାସୀ ଜଣକ ହ. ଅବ୍‌ଦୁଲ୍ଲାଃ ବିନ୍ ରୱାହା ର.ଅଙ୍କ ସମ୍ମୁଖରେ ସମସ୍ତ ଘଟଣା ବୃତ୍ତାନ୍ତ ବର୍ଣ୍ଣନା କଲା । ଫଳତଃ ହ. ଅବଦୁଲ୍ଲାଃ ବିନ ରୱାହା ର.ଅ ସେହି ଦାସୀକୁ ଗୋଟିଏ ଚାପୁଡ଼ା ମାରିଲେ । କିନ୍ତୁ ଅପରମୁହୂର୍ତ୍ତରେ ହ. ଅବ୍‌ଦୁଲ୍ଲାଃ ବିନ୍ ରୱାହା ର.ଅ ନିଜର ଉକ୍ତ କୃତ୍ୟ ପାଇଁ ଲଜ୍ଜିତ ତଥା ଅନୁତପ୍ତ ମଧ୍ୟ ହେଲେ ଏବଂ ଉକ୍ତ ଘଟଣାର ଚର୍ଚ୍ଚା ହୁଜୁର ସ.ଅଙ୍କ ନିକଟରେ କଲେ । ହୁଜୁର ସ.ଅ ଉକ୍ତ କଥାକୁ ଗୁରୁତ୍ୱର ସହିତ ନେଲେ ଏବଂ କହିଲେ, ହେ ଅବ୍‌ଦୁଲ୍ଲାଃ ବିନ୍ ରୱାହା ! ତୁମେ ଜଣେ ବିଶ୍ୱାସକାରୀଣୀ ମହିଳାର ମୁଖମଣ୍ଡଳରେ ଚାପୁଡ଼ା ମାରିଲ ? ପ୍ରତ୍ୟୁତ୍ତରରେ ହ. ଅବ୍‌ଦୁଲ୍ଲାଃ ବିନ୍ ରୱାହା ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ସେହି ଦାସୀ ଜଣକ ତ' ନିଗ୍ରୋ ମହିଳା ଅଟେ। ତା'କୁ ଧର୍ମର କୌଣସି ଜ୍ଞାନ ନାହିଁ । ହୁଜୁର ସ.ଅ ସେହି ଦାସୀ ଚରାଳୀକୁ ଡକାଇଲେ ଏବଂ ତା'କୁ ପଚାରିଲେ ଯେ, ହେ ଦାସୀ! ଅଲ୍ଲାଃତାଲା କେଉଁଠି ଅଛନ୍ତି? ସେ କହିଲା, ଆକାଶାରେ । ଆପଣ ସ.ଅ ପୁଣି ତା'କୁ ପଚାରିଲା ଯେ, ହେ ଦାସୀ ! ମୁଁ କିଏ ? ସେ କହିଲା ଆପଣ ହେଉଛନ୍ତି ଅଲ୍ଲାଃତାଲାଙ୍କ ବାର୍ତ୍ତାବହ । ଉକ୍ତ କଥା ଶୁଣି ହୁଜୁର ସ.ଅ କହିଲେ, ହେ ଅବଦୁଲ୍ଲାଃ ଦେଖିଲ ତ' ଏହି ମହିଳା ଜଣକ କ'ଣ କହିଲା ? ଏହି ଦାସୀ ହେଉଛି ବିଶ୍ୱାସକାରୀଣୀ ମହିଳା। ତେଣୁ ତୁମେ ଉକ୍ତ ଦାସୀକୁ ମୁକ୍ତ କରିଦିଅ । ପରିଣାମ ସ୍ୱରୂପ ହ. ଅବ୍‌ଦୁଲ୍ଲାଃ ବିନ୍ ରୱାହା ସେହି ଦାସୀକୁ ମୁକ୍ତ କରିଦେଲେ । **(ମସ୍‌ନଦୁଲ୍ ଇମାମୁଲ୍ ଆଜମ୍, ଅଲ୍‌ଇମାନ୍ ୱଲ୍ ଇସ୍‌ଲାମ୍) (ହଦିକତୁସ୍ ସାଲିହିନ୍, ହଦିସ୍ ନଂ-179, ଲେଖକ-ମଲକ୍ ସୈଫୁର୍ ରହ୍‌ମାନ୍ ସାହେବ)**

☆--☆--☆

## ହଜରତ୍ ମସିହ୍ ମଉଦ୍ ଅସ.ଙ୍କ ନିତୀବାଣୀ

**ଆଁହଜରତ ସ.ଅଙ୍କ ଯେଉଁ ମୁହମ୍ମଦ ନାମ ରହିଥିଲା ତାହା ଜଲାଲି (ଯଶସ୍ୱୀ) ରୂପେ ଥିଲା ଓ ଅହମଦ୍ ନାମ ଜମାଲି (ସୌନ୍ଦର୍ଯ୍ୟ ବା ମନୋହର) ରୂପେ ଥିଲା । ତେଣୁ ମୋର (ହ. ମସିହ୍ ମଉଦ୍ ଅ.ସଙ୍କ) ସଂପ୍ରଦାୟ ଜଲାଲି ରୂପେ ଅଟେ । ତେଣୁ ଏହି ସଂପ୍ରଦାୟରେ ଅନ୍ତର୍ଭୁକ୍ତ ଥିବା ଲୋକମାନେ ଅହମଦି ରୂପେ ବିବେଚିତ ହେଲେ ଓ ଅହମଦି ବୋଲାଇଲେ ।**

### ଜମାଅତ୍ ଅହମଦିୟାର ନାମକରଣର କାରଣ ଓ ସାର୍ଥକତା :

(ଯେତେବେଳେ ଉକ୍ତ ସଂପ୍ରଦାୟର ନାମ ଅହମଦି ନାମିତ ହେଲା ସେତେବେଳେ ଜଣେ ବ୍ୟକ୍ତି ଆପତ୍ତି କଲା କି ଏହି ସଂପ୍ରଦାୟ ହେଉଛି ଏକ ନୂତନ ସଂପ୍ରଦାୟ ଓ ଉକ୍ତ ସଂପ୍ରଦାୟର ନାମ ମଧ୍ୟ ନୂତନ ଅଟେ । ଏହାକୁ କେନ୍ଦ୍ର କରି ସେ କଥୋପକଥନ ହେଲା । )

ହୁଜୁର ଅ.ସ କହିଲେ, ଦେଖ ! ଲୋକମାନେ ନିଜ ସଂପ୍ରଦାୟର ନାମ ହନ୍‌ଫି, ଶାଫିଇ ରଖିଛନ୍ତି । ଏହି ସମସ୍ତ ନାମ ବିଦ୍‌ଅତ୍ (ନୂତନ ଆହୃତ ରୀତି) ଅଟନ୍ତି। ହ. ରସୁଲେ କରୀମ୍ ସ.ଅଙ୍କର 2ଟି ନାମ ଥିଲା ଯଥା- **ମୁହମ୍ମଦ୍** ସ.ଅ ଓ **ଅହମଦ୍** ସ.ଅ । ଯେପରି ଅଲ୍ଲାଃତାଲାଙ୍କର ସର୍ବବୃହତ୍ ନାମ ଅଲ୍ଲାଃ ଅଟେ । ଠିକ୍ ସେହିପରି ଆଁହଜରତ୍ ସ.ଅଙ୍କର ସର୍ବବୃହତ୍ ନାମ ହେଲା ମୁହମ୍ମଦ୍ ସ.ଅ । ଅଲ୍ଲାଃତାଲାଙ୍କର ଅନ୍ୟାନ୍ୟ ନାମ ଯଥା- ହଇୟୁ, କୟ୍ୟୁମ୍, ରହ୍‌ମାନ୍, ରହିମ୍ ଅଟନ୍ତି। କିନ୍ତୁ ଏହିସବୁ ନାମର ସମଷ୍ଟି ହେଉଛି ଅଲ୍ଲାଃ। ଆଁହଜରତ ସ.ଅଙ୍କ ନାମ ହେଉଛି ସେହି ନାମ ଯେଉଁ ନାମର ଚର୍ଚ୍ଚା ହ. ମସିହ୍ ଅ.ସ (ଯୀଶୁ ଖ୍ରୀଷ୍ଟ) କରିଛନ୍ତି। ଯେପରିକି ଇସା ଅ.ସ କହିଲେ, يَّاۡتِيۡ مِنۡۢ بَعۡدِي اسۡمُهٗۤ اَحۡمَدُ **(ଅସ୍ ସଫ୍: 7)** ଅର୍ଥାତ୍ ମୋ ପରେ ଜଣେ ଅବତାର ଆସିବେ ଯାହାଙ୍କର ନାମ ଅହମଦ ହେବ । مِنۡۢ بَعۡدِي ର ଶବ୍ଦ ଏହା ପରିପ୍ରକାଶିତ କରେ ଯେ, ସେହି ବାର୍ତ୍ତାବହ ମୋ ପରେ ନିର୍ଦ୍ୱନ୍ଦ୍ୱରେ ଓ ନିର୍ବିଘ୍ନତାର ସହିତ ଆସିବ। ଅର୍ଥାତ୍ ମୋ ମଧ୍ୟରେ ଏବଂ ସେହି ବାର୍ତ୍ତାବହ ମଧ୍ୟରେ କୌଣସି ଅବତାର ହେବ ନାହିଁ । କିନ୍ତୁ ହ. ମୁସା ଅ.ସ ଉକ୍ତ ଶବ୍ଦ କହିଲେ ନାହିଁ । ବରଂ ସେ مُحَمَّدٌ رَّسُوۡلُ اللّٰهِ ؕ وَالَّذِيۡنَ مَعَهٗۤ اَشِدَّآءُ......**(ଅଲ୍ ଫତାଃ: 30)** ଅର୍ଥାତ୍ ମୁହମ୍ମଦ୍ ସ.ଅ ଅଲ୍ଲାଃତାଲାଙ୍କର ରସୁଲ୍ (ବାର୍ତ୍ତାବହ) ଅଟନ୍ତି ଏବଂ ଯେଉଁମାନେ ତାହାଙ୍କ ସହିତ ଅଛନ୍ତି ସେମାନେ ଅବିଶ୍ୱାସକାରୀଙ୍କ ବିପକ୍ଷରେ କଠୋର ମନୋଭାବ ପୋଷଣ କରନ୍ତି ।

ହୁଜୁର ଅ.ସ କୁହନ୍ତି: ତହିଁରେ "ହ. ରସୁଲ୍ କରୀମ୍ ସ.ଅଙ୍କ ମଦିନାରେ ବାସ କରୁଥିବା ବେଳର ଜୀବନ ଆଡ଼କୁ ଇଙ୍ଗିତ କରାଯାଇଛି । ଯେତେବେଳେ ଅନେକ ବିଶ୍ୱାସକାରୀମାନଙ୍କର ସାହଚର୍ଯ୍ୟତ୍ୱ ପ୍ରାପ୍ତ ହେଲା, ଯେଉଁମାନେ ଅବିଶ୍ୱାସାକାରୀମାନଙ୍କ ସହିତ ଯୁଦ୍ଧ କରିଥିଲେ ସେତେବେଳେ ହ. ମୁସା ଅ.ସ ଆଁହଜରତ ସ.ଅଙ୍କ ନାମ ମୁହମ୍ମଦ୍ ବୋଲି କହିଥିଲେ । କାରଣ ହ. ମୁସା ଅ.ସ ନିଜେ ମଧ୍ୟ ଜଲାଲି ଜଣେ ଯଶସ୍ୱୀ ବାର୍ତ୍ତାବହ ରୂପେ ଥିଲେ ଓ ହ. ଇସା ଅ.ସ ମଧ୍ୟ ଆଁହଜରତ ସ.ଅଙ୍କର ନାମ ଅହମଦ୍ ବୋଲି ଦର୍ଶାଇଥିଲେ । କାରଣ ହ. ଇସା ଅ.ସ ସ୍ୱୟଂ ମଧ୍ୟ ଜମାଲି (ସୌନ୍ଦର୍ଯ୍ୟ ଓ ମନୋହର) ରୂପେ ଜଣେ ଅବତାର ଥିଲେ । ଅତଏବ୍ ମୋର ଏହି ସଂପ୍ରଦାୟ ଜମାଲି ରୂପରେ ସୌନ୍ଦର୍ଯ୍ୟ ଓ ମନୋହରର ଅଧିକାରୀ ଅଟେ । ଅତଏବ୍ ଏହି କାରଣରୁ ଉକ୍ତ ସଂପ୍ରଦାୟର ନାମ ଅହମଦି[ସ.ଅ] ହେଲା।"**(ମଲ୍‌ଫୁଜାତ୍, ଭାଗ-2, ପୃ-88, ସଂସ୍କରଣ ବର୍ଷ-2018 ମସିହା)** ☆--☆--☆

**ଆଧ୍ୟାତ୍ମିକତାର ପଞ୍ଚମ ସ୍ତରରେ ଉପନୀତ ହେବା ପରେ (ପହଞ୍ଚିବା ପରେ) ମନୁଷ୍ୟ ଦେବଦୂତ ପାଲଟି ଯାଇଥାଏ । ଏପରି ଦେବଦୂତ ତୁଲ୍ୟ ବ୍ୟକ୍ତି ସମସ୍ତ ଆଦେଶାବଳୀକୁ କାର୍ଯ୍ୟକାରୀ କରିଥାଏ ଏବଂ ପ୍ରଭୁଙ୍କ ଆଦେଶାବଳୀ ପ୍ରତି କେବେ ବି ଅବହେଳା ପ୍ରଦର୍ଶନ କରି ନଥାଏ । ଏହି ଦେବଦୂତ ତୁଲ୍ୟ ବ୍ୟକ୍ତିକୁ କେବେ ବି ଅବଚେତନ ଜନିତ ନିଦ୍ରା ଆସି ନଥାଏ ।**

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରତୁଲ୍ ମୁମିନୁନ୍‌ର ଆୟତ୍ ସଂଖ୍ୟା 18 وَلَقَدۡ خَلَقۡنَا فَوۡقَكُمۡ سَبۡعَ طَرَآئِقَ ۖ وَمَا كُنَّا عَنِ الۡخَلۡقِ غٰفِلِيۡنَ ର ବ୍ୟାଖ୍ୟା କରି କୁହନ୍ତି: ଉକ୍ତ ଆୟତ୍‌ରେ ଆଧ୍ୟାତ୍ମିକତାର 7ଟି ସ୍ତର ମଧ୍ୟରୁ ଚତୁର୍ଥ ସ୍ତର ଏହିପରି ବର୍ଣ୍ଣିତ ହୋଇଛି ଯେ, "ଅର୍ଥାତ୍ **(ଅବଶିଷ୍ଟାଂଶ...ପୃ-2ରେ)**

## ପୃ-1ରେ ବର୍ଣ୍ଣିତ ତଫ୍‌ସିର୍‌ର ଅବଶିଷ୍ଟାଂଶ....

ମନୁଷ୍ୟକୁ ଚତୁର୍ଥସ୍ତର ସେତେବେଳେ ପ୍ରାପ୍ତ ହୋଇଥାଏ ଯେତେବେଳେ ମନୁଷ୍ୟ ମଧ୍ୟରେ ଧର୍ମପରାୟଣତା ଓ ଆଧ୍ୟାତ୍ମିକତା ଭାବ ପ୍ରତି ଆନ୍ତରୀକତା ସୃଷ୍ଟି ହୋଇଯାଇଥାଏ । ମନୁଷ୍ୟ ସମସ୍ତ କାର୍ଯ୍ୟ ବୁଦ୍ଧି ଓ ବିବେକ ଦ୍ୱାରା ସମ୍ପାଦିତ କରିଥାଏ । କିନ୍ତୁ ବେଳେବେଳେ ଏହି କାର୍ଯ୍ୟ ଓ ସେହି ମନୁଷ୍ୟ ଉପରେ ସଇତାନ୍ ନିଜର ଆଧିପତ୍ୟ ବିସ୍ତାର କରିଥାଏ ।

ହଁ ମନୁଷ୍ୟ ଉପରେ ପାପର ଯେଉଁ ଆକ୍ରମଣ ହୋଇଥାଏ ତାହା ଖୁବ୍ କମ୍ ପ୍ରଭାବଶାଳୀ ହୋଇଥାଏ। ଅର୍ଥାତ୍ ସେତେଟା ପ୍ରଭାବଶାଳୀ ହୋଇ ନଥାଏ । କାରଣ ମନୁଷ୍ୟ ମଧ୍ୟରେ ପାପକୁ ପାପ ବୋଲି ମନେକରିବାର ଯୋଗ୍ୟତା ଓ ସାମର୍ଥ୍ୟତା ସୃଷ୍ଟି ହୋଇ ଯାଇଥାଏ। ଉକ୍ତ ଅବସ୍ଥା ଆଡ଼କୁ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ ଏହିପରି ଇଙ୍ଗିତ କରିଛନ୍ତି ଯେ, إِنَّ الَّذِيْنَ اتَّقَوْا إِذَا مَسَّهُمْ طَٰٓئِفٌ مِّنَ الشَّيْطٰنِ تَذَكَّرُوْا فَإِذَا هُمْ مُّبْصِرُوْنَ **(ଆରାଫ୍ ରୁକୁ ନଂ-24, ଆୟତ୍ ନଂ- 202)**

ବାସ୍ତବରେ ଯେଉଁମାନେ ଧର୍ମଭୀରୁ, ଯେତେବେଳେ ସଇତାନ ପକ୍ଷରୁ କୌଣସି ମନ୍ଦ ଭାବନା ସେମାନଙ୍କୁ ଆକ୍ରାନ୍ତ କରେ ସେତେବେଳେ ସେମାନେ ସତର୍କ ହୋଇ ଯାଆନ୍ତି ଏବଂ ସେମାନଙ୍କର ଆଖି ଖୋଲି ଯାଇଥାଏ।

ଉକ୍ତ ଆୟତରୁ ଏହା ସ୍ପଷ୍ଟ ଯେ, ବେଳେବେଳେ ଏପରି ଲୋକମାନଙ୍କୁ ସଇତାନ୍ ନିଜ ଆଡ଼କୁ ଆକୃଷ୍ଟ (ଆକର୍ଷିତ) କରିଥାଏ । କିନ୍ତୁ ସେମାନେ ତୁରନ୍ତ ଚେଇଁ ଉଠନ୍ତି ଏବଂ ଅଲ୍ଲାଃତାଲାଙ୍କୁ ସାହାଯ୍ୟ ନିମନ୍ତେ ଡାକିଥାଆନ୍ତି। ପରିଶେଷରେ ସେମାନେ ସଇତାନ୍‌ର ଆକ୍ରମଣରୁ ଓ ମାୟାଜାଲରୁ ସୁରକ୍ଷିତ ହୋଇ ଯାଆନ୍ତି ।

ହଜରତ ମୁସ୍‌ଲେହ୍ ମଉଦ୍ ର.ଅ ପୁନଶ୍ଚ କୁହନ୍ତି: "ପୁନଶ୍ଚ ମନୁଷ୍ୟ ଏହାଠୁ ବି ଆଗକୁ ଉନ୍ନତି କରିଥାଏ ଏବଂ ଆଧ୍ୟାତ୍ମିକତାର ପଞ୍ଚମ ସ୍ତରରେ ଉପନୀତ ହେବା ପରେ (ପହଞ୍ଚିବା ପରେ) ମନୁଷ୍ୟ ଦେବଦୂତ ହୋଇ ଯାଇଥାଏ । ଅର୍ଥାତ୍ ମନୁଷ୍ୟର ଐଶ୍ୱରିକ ଅଧ୍ୟାତ୍ମ ପରିଚୟ ଏପରି ଉନ୍ନତି ପାଇଥାଏ ଯେ, ଏପରି ଦେବଦୂତ ତୁଲ୍ୟ ବ୍ୟକ୍ତି ଅଲ୍ଲାଃତାଲାଙ୍କ ସମସ୍ତ ଆଦେଶାବଳୀକୁ କାର୍ଯ୍ୟକାରୀ କରିଥାଏ । ଈଶ୍ୱରଙ୍କ ଆଦେଶାବଳୀକୁ କାର୍ଯ୍ୟକାରୀ କରିବା ତାର ନିତ୍ୟାହାର ଆହାର ପାଲଟି ଯାଇଥାଏ ଏବଂ ଯେଭଳି ଦେବଦୂତମାନେ يَفْعَلُوْنَ مَا يُؤْمَرُوْنَ ର ଚରିତାର୍ଥ ହୋଇଯାଆନ୍ତି । ଠିକ୍ ସେହିପରି ଏପରି ମନୁଷ୍ୟ ମଧ୍ୟ ଈଶ୍ୱରଙ୍କ ସମସ୍ତ ଆଦେଶାବଳୀକୁ କାର୍ଯ୍ୟକାରୀ କରିଥାଏ ଏବଂ ପ୍ରଭୁଙ୍କ ଆଦେଶାବଳୀ ପ୍ରତି କେବେ ବି ଅବଜ୍ଞା ଓ ଅବହେଳା ପ୍ରଦର୍ଶନ କରି ନଥାଏ । ଏହି ଦେବଦୂତ ତୁଲ୍ୟ ବ୍ୟକ୍ତିକୁ କେବେ ବି ଅବଚେତନ ଜନିତ ନିଦ୍ରା ଆସି ନଥାଏ । ଅତଏବ୍ ଏହିପରି ଲୋକମାନଙ୍କ ସଂକ୍ରାନ୍ତରେ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି: وَالْمَلٰٓئِكَةُ يَدْخُلُوْنَ عَلَيْهِمْ مِّنْ كُلِّ بَابٍ ۝ سَلٰمٌ عَلَيْكُمْ بِمَا صَبَرْتُمْ فَنِعْمَ عُقْبَى الدَّارِ ۝ **(ଅର୍ ରାଆଦ୍: 3)** ଅର୍ଥାତ୍ ଏହିପରି ଲୋକମାନଙ୍କ ନିକଟକୁ ଦେବଦୂତମାନେ ପ୍ରତ୍ୟେକ ଦ୍ୱାର (ଦୁଆର) ଦେଇ ଆସିବେ ଏବଂ ସେମାନଙ୍କୁ କହିବେ, ବସ୍ର ! "ତୁମ ସକାଶେ ଶାନ୍ତି ହିଁ ଶାନ୍ତି ଉଦ୍ଦିଷ୍ଟ ଅଟେ । କାରଣ ତୁମେ ଈଶ୍ୱରଙ୍କ ମାର୍ଗରେ ଅବିଚଳତା ପ୍ରଦର୍ଶନ କରିଅଛ । ଅତଏବ୍ ବର୍ତ୍ତମାନ ଦେଖ ଯେ, ତୁମମମାନଙ୍କ ନିମନ୍ତେ ଉକ୍ତ ଗୃହର କେଡ଼େ ଉତ୍ତମ ପରିଣାମ ନିହିତ ରହିଛି । ଏହି ଲୋକମାନେ ଦେବଦୂତ ତୁଲ୍ୟ ଏବଂ ଦେବଦୂତ ସୁଲଭ ବିଶେଷ ଗୁଣାବଳୀର ଅଧିକାରୀ ଅଟନ୍ତି । ତେଣୁ ଏମାନଙ୍କୁ ଦେଖିବା ମାତ୍ରେ ଦେବଦୂତମାନେ ସେମାନଙ୍କ ଆଡ଼କୁ ଧାଇଁ ପଡ଼ିବେ । ଏହି ଦେବଦୂତମାନେ ସେମାନଙ୍କୁ ଅଲ୍ଲାଃତାଲାଙ୍କ ସାନ୍ନିଧ୍ୟ ଓ ତାହାଙ୍କ ପୁରସ୍କାର ପ୍ରାପ୍ତିର ଶୁଭ ସୂଚନା ପ୍ରଦାନ କରିବେ । କିନ୍ତୁ ଉକ୍ତ କଥା ସ୍ମରଣ ରଖିବା ଉଚିତ୍ ଯେ, ଉକ୍ତ ଆୟତ୍‌ର ଏହି ଅର୍ଥ ନୁହେଁ ଯେ, ଦେବଦୂତମାନେ ନିଜର ସଂଖ୍ୟାଗରିଷ୍ଠତା ଯୋଗୁଁ ଗୋଟିଏ ଦ୍ୱାର (ଦୁଆର) ପରିବର୍ତ୍ତେ ଅସଂଖ୍ୟ ଦ୍ୱାର ମଧ୍ୟ ଦେଇ ପ୍ରବେଶ କରିବେ।

କେବଳ ସେତିକି ନୁହେଁ ଏହାର ପ୍ରକୃତ ଅର୍ଥ ଏହିକି ଯେ, ପ୍ରତ୍ୟେକ ଦ୍ୱାରର ଦେବଦୂତ ସେହି ଲୋକମାନଙ୍କ ପାଖକୁ ଯିବ ଏବଂ ସେମାନଙ୍କୁ ଅଭିନନ୍ଦନ ଜଣାଇବ ଯେ, ତୁମେମାନେ ଉକ୍ତ ସଂଘର୍ଷ ଓ ପରିଶ୍ରମରେ ସାଫଲ୍ୟମଣ୍ଡିତ (ସଫଳ) ହୋଇଯାଇଅଛ । ଯହିଁରେ ମୁଁ ଓ ତୁମେମାନେ ଉଭୟେ ମିଶି ସଇତାନ୍‌ର ମୁକାବିଲା କରୁଥିଲୁ ।

କାରଣ ମନୁଷ୍ୟର ହୃଦୟ ମଧ୍ୟରେ ପାପ ଅନେକ ମାର୍ଗ ଦେଇ ପ୍ରବେଶ କରିଥାଏ । କେତେବେଳେ ପାପ ଚକ୍ଷୁ (ଆଖି) ପଥ ଦେଇ ପ୍ରବେଶ କରିଥାଏ ତ' ଆଉ କେତେବେଳେ କର୍ଣ୍ଣ (କାନ) ମାଧ୍ୟମରେ ଆନ୍ଦୋଳିତ ହୋଇଥାଏ । ସେହିପରି ପାପ କେତେବେଳେ ସ୍ପର୍ଶ ଓ ଆସ୍ୱାଦନ (ଚାଖିବା) ମାଧ୍ୟମରେ ପାପ କାର୍ଯ୍ୟ କରିବା ନିମନ୍ତେ ମନୁଷ୍ୟ ମନକୁ ସଇତାନ ପ୍ରବର୍ତ୍ତାଇଥାଏ ।

ଅତଏବ୍ ପ୍ରତ୍ୟେକ ମାର୍ଗର ସୁରକ୍ଷା ନିମନ୍ତେ ଅଲ୍ଲାଃତାଲାଙ୍କର ଦେବଦୂତମାନେ ନିୟୋଜିତ ଏବଂ ନିଯୁକ୍ତ ହୋଇଛନ୍ତି। ତେଣୁ ମନୁଷ୍ୟ ଯେତେତେବେଳେ ସଇତାନ୍ ଉପରେ ବିଜୟ ପ୍ରାପ୍ତ କରିନେବ ସେତେବେଳେ ପ୍ରତ୍ୟେକ ଦ୍ୱାର (ଦୁଆରର)ରେ ଥିବା ଦେବଦୂତ ମୁନଷ୍ୟକୁ ଅଭିନନ୍ଦନ ଜଣାଇବା ନିମନ୍ତେ ଧାଇଁ ଆସିବ ।"**(ତଫ୍‌ସିର୍ କବିର୍, ଭାଗ-6, ପୃ-143-144, ପ୍ରକାଶନ ସ୍ଥାନ-କାଦିୟାନ୍, 2010 ମସିହା)**

☆☆☆

☆☆☆

**ଖବରକାଗଜ ସାପ୍ତାହିକ ବଦର୍ ନିଜେ ପଢନ୍ତୁ ଓ ନିଜର ଅନ୍ୟ ବନ୍ଧୁ ପରିଜନ ତଥା ଆତ୍ମୀୟ ସ୍ୱଜନମାନଙ୍କୁ ମଧ୍ୟ ଉକ୍ତ ସାପ୍ତାହିକ ଖବରକାଗଜ ପାଠ କରିବା ପ୍ରତି ଉତ୍ସାହିତ କରନ୍ତୁ ଓ ସେମାନଙ୍କୁ ଅନୁପ୍ରାଣିତ ମଧ୍ୟ କରନ୍ତୁ ।**

ସୟେଦିନା ହଜରତ ଖଲିଫତୁଲ ମସିହିଲ୍ ଖାମିସ୍ ଅୟେଦହୁଲ୍ଲାଃ ବଦରର୍ ବେଶେଷ ସଂଖ୍ୟା 2014 ମସିହା ଡିସେମ୍ବର ମାସ ପାଇଁ ନିଜର ସନ୍ଦେଶ ପ୍ରେରଣ କରି କହିଲେ: "ବଦର୍‌ର ସମ୍ପାଦକମଣ୍ଡଳୀମାନଙ୍କୁ ଓ ପାଠକବୃନ୍ଦମାନଙ୍କୁ ଉକ୍ତ କଥା ସର୍ବଦା ମନେରଖିବା ଉଚିତ୍ ଯେ, ଏହି ଖବରକାଗଜ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ଆଧ୍ୟାତ୍ମିକ ସଂଶୋଧନ ଏବଂ ଉନ୍ନତି ସକାଶେ ଜାରି କରାଯାଇଥିଲା ଏବଂ ଆମମାନଙ୍କର ଗୁରୁଜନମାନେ ପ୍ରତିକୁଳ ପରିସ୍ଥିତି ସତ୍ତ୍ୱେ ପୂର୍ଣ୍ଣ ସାହସିକତାର ସହିତ ଉକ୍ତ ଖବରକାଗଜକୁ ସର୍ବଦା ଜାରି ରଖିବା ନିମନ୍ତେ ଉଦ୍ୟମ କରିଥିଲେ । ସେହି ଗୁରୁଜନ ଅର୍ଥାତ୍ ପୂର୍ବପୁରୁଷମାନଙ୍କର ଦୁଆ, ପବିତ୍ର ଉଦ୍ୟମଜନିତ କଲ୍ୟାଣ ବଳରେ ଆଜି ପର୍ଯ୍ୟନ୍ତ ଉକ୍ତ ଖବରକାଗଜ ଅବ୍ୟାହତ (ଜାରି) ରହିଛି । ଉକ୍ତ କଥା ସେହି ପ୍ରସଙ୍ଗକୁ ଆଶା କରେ କି ଅଧିକରୁ ଅଧିକ ଅହମଦିମାନେ ଉକ୍ତ ଖବରକାଗଜକୁ ପାଠ କରନ୍ତୁ ଓ ତହିଁରୁ ଉପକୃତ ହୁଅନ୍ତୁ । ଅଲ୍ଲାଃତାଲାଙ୍କ କୃପାରୁ ଭାରତ ଓ ପାକିସ୍ତାନର ଅହମଦିମାନଙ୍କୁ ବିଶେଷ କରି ଅନ୍ୟ ଦେଶରେ ବାସ କରୁଥିବା ଅହମଦିମାନଙ୍କୁ ଉକ୍ତ ଖବରକାଗଜ ଅଧ୍ୟୟନ କରିବା ପ୍ରତି ସାମର୍ଥ୍ୟ ପ୍ରଦାନ କରନ୍ତୁ । ସେହିପରି ଉକ୍ତ ଖବରକାଗଜ ସହିତ ଯେଉଁ କଲ୍ୟାଣ ସଂଶ୍ଳିଷ୍ଟ ଓ ନିହିତ ରହିଛି ତାହାକୁ ସାଉଁଟିବା ନିମନ୍ତେ ଅଲ୍ଲାଃତାଲା ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** ।"

ସୟେଦିନା ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ଉକ୍ତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଅଧ୍ୟାତ୍ମ ଚକ୍ଷୁ ବର୍ଦ୍ଧକ ଉପଦେଶାବଳୀକୁ ଦୃଷ୍ଟି ସମ୍ମୁଖରେ ରଖି ଜମାଅତ୍ ଅହମଦିୟାର ସଦସ୍ୟବୃନ୍ଦଙ୍କ ସେବାରେ ଅନୁରୋଧ କରାଯାଉଅଛି ଯେ, ଜମାଅତର ପ୍ରତ୍ୟେକଟି ଘରମାନଙ୍କରେ ସାପ୍ତାହିକ ଖବରକାଗଜ ବଦର୍‌ର ଅଧ୍ୟୟନକୁ ସୁନିଶ୍ଚିତ କରାଯିବା ନିହାତି ଜରୁରୀ ଅଟେ । ବଦର୍‌ରେ ପବିତ୍ର କୁରଆନ୍, ହଦିସ୍ ଏବଂ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ନୀତିବାଣୀ ବ୍ୟତୀତ ହୁଜୁର ଅନ୍‌ୱର୍ ଅ.ବଙ୍କ ଖୁତ୍‌ବା ଜୁମା, ଉଦ୍‌ବୋଧନୀ ଓ ହୁଜୁର ଅନ୍‌ୱର୍ ଅ.ବଙ୍କ ବିଭିନ୍ନ ଦେଶର ଗସ୍ତ ସଂପର୍କିତ ଅତ୍ୟନ୍ତ ରୋଚକ ଓ ବିଶ୍ୱାସବର୍ଦ୍ଧକ ରିପୋର୍ଟସ୍ ନିୟମିତ ରୂପେ ପ୍ରକାଶିତ ହୋଇଥାଏ । ତେଣୁ ଏସବୁକୁ ଅଧ୍ୟୟନ ଏବଂ ପାଠ କରିବା ପ୍ରତ୍ୟେକ ଅହମଦି ପକ୍ଷେ ନିତାନ୍ତ ଜରୁରୀ ଅଟେ । ଅଲ୍ଲାଃତାଲାଙ୍କ କୃପାରୁ ସୟେଦିନା ହୁଜୁର ଅନ୍‌ୱର୍[ଅ.ବ]ଙ୍କ ଦୟା ବଳରେ ବର୍ତ୍ତମାନ ଉକ୍ତ ଖବରକାଗଜ ଉର୍ଦ୍ଦୁ ଭାଷା ବ୍ୟତୀତ ନାନା ପ୍ରାଦେଶିକ ଭାଷା ଯଥା-ହିନ୍ଦୀ, ବଂଗଳା, ତାମିଲ୍ ତେଲୁଗୁ, ମାଲିୟାଲମ୍, ଓଡ଼ିଆ ଓ କନ୍ନଡ୍ ଇତ୍ୟାଦି ଭାଷାରେ ମଧ୍ୟ ପ୍ରକାଶିତ ହେଉଅଛି । ଅତଏବ୍ ଯେଉଁ ଅହମଦି ବନ୍ଧୁମାନେ ଏପର୍ଯ୍ୟନ୍ତ ଖବରକାଗଜ ବଦର୍ ନିଜ ନାମରେ ଜାରି କରାଇ ନାହାନ୍ତି, ସେମାନଙ୍କୁ ସବିନୟ ଅନୁରୋଧ କରାଯାଉଅଛି ଯେ ସେମାନେ ଖବରକାଗଜ ବଦର୍ ନିଜ ନାମରେ ଜାରି କରାଇ ନିଜେ ପଢନ୍ତୁ ଏବଂ ନିଜର ଅନ୍ୟ ବନ୍ଧୁ ପରିଜନ ତଥା ଆତ୍ମୀୟ ସ୍ୱଜନମାନଙ୍କୁ ମଧ୍ୟ ଉକ୍ତ ସାପ୍ତାହିକ ଖବରକାଗଜ ପାଠ କରିବା ପ୍ରତି ଆଗ୍ରହ ସୃଷ୍ଟି କରି ସେମାନଙ୍କୁ ଉତ୍ସାହିତ ଓ ଅନୁପ୍ରାଣିତ କରନ୍ତୁ । ଅଲ୍ଲାଃତାଲା ଆମମାନଙ୍କୁ ପ୍ରକୃତ ଆତ୍ମାର ସହିତ ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଅ.ବଙ୍କ ଆଦେଶାବଳୀ ଉପରେ ସଂପୂର୍ଣ୍ଣ ରୂପେ କାର୍ଯ୍ୟାନୁସରଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** । ଖବରକାଗଜ ବଦର୍ ଯଥା ସମୟରେ ନପହଞ୍ଚିବା, ଚାନ୍ଦା ପୈଠ କରିବା ,ଅନ୍ୟ ଯେକୌଣସି ସମସ୍ୟା, ସୂଚନା ଓ ତଥ୍ୟ ପ୍ରାପ୍ତ କରିବା ନିମନ୍ତେ ସାପ୍ତାହିକ ବଦର୍‌ର ମ୍ୟାନେଜର୍ ସାହେବଙ୍କ ସହିତ ଯୋଗାଯୋଗ କରନ୍ତୁ । **ଯଜାକୁମୁଲ୍ଲାଃ । (ସମ୍ପାଦକ)**

## 130 ତମ ଜଲ୍‌ସା ସାଲାନା କାଦିୟାନ୍, ତା-26, 27, 28, ଡିସେମ୍ବର, 2025 ମସିହାରେ ଆୟୋଜିତ ହେବ

ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ 130 ତମ ଜଲ୍‌ସା ସାଲାନା କାଦିୟାନ୍ 2025 ମସିହା ନିମନ୍ତେ ତା-26, 27, 28 ଡିସେମ୍ବର 2025 ମସିହା (ବାର-ଶୁକ୍ରବାର, ଶନିବାର ଓ ରବିବାର) ପାଇଁ ତାରିଖ ଓ ବାର ମଞ୍ଜୁର (ଅନୁମୋଦନ) କରିଛନ୍ତି ।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ଏବେଠାରୁ ହିଁ ଦୁଆର ସହିତ ଉକ୍ତ କଲ୍ୟାଣମୂଳକ ଜଲ୍‌ସାରେ ସାମିଲ୍ ହେବାର ଉଦ୍ଦେଶ୍ୟ ନେଇ ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଉକ୍ତ ଐଶୀଭିତ୍ତିକ ଆଧ୍ୟାତ୍ମିକ ଜଲ୍‌ସାରେ ଅଧିକରୁ ଅଧିକ ଲୋକମାନଙ୍କୁ ଅଂଶ ଗ୍ରହଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଯଦ୍ଦ୍ୱାରାକି ଲୋକମାନେ ଉକ୍ତ ଜଲ୍‌ସାରୁ ଉପକୃତ ହୋଇପାରିବେ । ସେହିପରି ହ. ମସିହ୍ ମଉଦ୍ ଅ.ସ ଜଲ୍‌ସାରେ ସାମିଲ୍ ହୋଇଥିବା ଅଂଶଗ୍ରହଣକାରୀଙ୍କ ସପକ୍ଷରେ ଯେଉଁ ଦୁଆ କରିଛନ୍ତି ଅଲ୍ଲାଃତାଲା ସେହି ସମସ୍ତ ଦୁଆକୁ ସ୍ୱୀକାର କରି ଲୋକମାନଙ୍କୁ ଆପଣ ଅ.ସଙ୍କ ଦୁଆର ପ୍ରକୃତ ଅଧିକାରୀ କରନ୍ତୁ । **ଆମିନ୍** । ସେହିପରି ଉକ୍ତ ଜଲ୍‌ସା ସାଲାନା ପ୍ରତ୍ୟେକ ଦୃଷ୍ଟିରୁ ସାଫଲ୍ୟମଣ୍ଡିତ ଏବଂ କଲ୍ୟାଣମୟ ହେବା ନିମନ୍ତେ ଓ ପୁଣ୍ୟାତ୍ମାମାନଙ୍କ ମାର୍ଗଦର୍ଶନର କାରଣ ହେବା ନିମନ୍ତେ ଦୁଆ ଜାରି ରଖନ୍ତୁ । ଯଜାକୁମୁଲ୍ଲାଃହୁ ତାଆଲା ଓ ଅହ୍‌ସନଲ୍ ଯଜା । ଅଲ୍ଲାଃତାଲା ଏହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ । ଆମିନ୍ । **(ନାଜିର୍ ଇସ୍‌ଲାହ୍ ଓ ଇର୍ଶାଦ୍ ମର୍କଜିୟାହ୍ କାଦିୟାନ୍)**

**(ଖୁତ୍‌ବା ଜୁମା)**

**ନବୀ କରୀମ୍ ସ.ଅଙ୍କ ସର୍ବୋଚ୍ଚ ଉତ୍ତମ ଚରିତ୍ରବତ୍ତାର ଝଲକ ବିଚାରଯୋଗ୍ୟ ଅଟେ । କାରଣ ଆପଣ ସ.ଅ ମକ୍କାକୁ ଜୟ କରି ନେଇଥିଲେ । ବର୍ତ୍ତମାନ ଆପଣ ସ.ଅଙ୍କ ଧର୍ମାବଲମ୍ବୀମାନେ ଏକ ବିଜୟୀ ଜାତି ଥିଲେ ଏବଂ ଯୁଦ୍ଧର ନୀତି ନିୟମ ଅନୁଯାୟୀ ବିଜୟୀ ଜାତି ହିଁ ପରାଜିତ ଜାତିର ଧନ ସମ୍ପତ୍ତିର ମାଲିକ ଓ ଅଧିକାରୀ ହୋଇଥାଏ । କିନ୍ତୁ ବର୍ତ୍ତମାନ ଯେତେବେଳେ ଯୁଦ୍ଧ ନିମନ୍ତେ ଅସ୍ତ୍ରଶସ୍ତ୍ରର ଆବଶ୍ୟକତା ପଡ଼ିଲା ସେତେବେଳେ ଗୋଟିଏ ଗୋଟିଏ ଅସ୍ତ୍ର ଧାର ନିଆଗଲା ଏବଂ ଏହି ପ୍ରତିଶ୍ରୁତି ଦେଇ ଅସ୍ତ୍ର ନିଆଗଲା କି ଆମେମାନେ ଯେତିକି ଅସ୍ତ୍ର ତୁମମାନଙ୍କ ଠାରୁ ଧାର ନେଉଛୁ ସେତିକି ଅସ୍ତ୍ର ଆମେମାନେ ତୁମମାନଙ୍କୁ ଫେରସ୍ତ କରିଦେବୁ ।**

**ହୁନୈନ୍ ଯୁଦ୍ଧର ପୃଷ୍ଠଭୂମିରେ ଆଁହଜରତ ସ.ଅଙ୍କ ପ୍ରାଣପୋଷଣକାରୀ ପବିତ୍ର ଜୀବନୀ ଚର୍ଚ୍ଚା ।**

**ଶ୍ରୀଯୁକ୍ତ ଖ୍ୱାଜା ମୁଖ୍‌ତାର୍ ଅହମଦ ସାହେବ ବଟ୍ ଅଫ୍ କାନାଡ଼ା ଏବଂ ଭାରତର ନଜୀର୍ ଅହମଦ ସାହେବଙ୍କ ପତ୍ନି ଶ୍ରୀମତି ସଇଦା ବେଗମ୍ ସାହେବାଙ୍କ ନମାଜ୍ ଯନାଜାଃ ଗାଏବ୍ ।**

**22 August 2025 ମସିହା ଅନୁଯାୟୀ ୨୨ ଜହୁର୍ ୧୪୦୪ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّاكَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ۔ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ, ଯୁଦ୍ଧ ଏବଂ ଅଭିଯାନ ସଂପର୍କରେ ଆଁହଜରତ ସ.ଅଙ୍କ ଜୀବନୀର ବିଭିନ୍ନ ପକ୍ଷ ଓ ପ୍ରାମାଣ୍ୟର ଚର୍ଚ୍ଚା ହେଉଥିଲା, ସେହି କ୍ରମରେ ଆଜି ମୁଁ ହୁନୈନ୍ ଯୁଦ୍ଧର ଚର୍ଚ୍ଚା ମଧ୍ୟ କରିବି । ଉକ୍ତ ଯୁଦ୍ଧ ଶୱାଲ୍ ୮ ହିଜ୍ରୀରେ ହୋଇଥିଲା । ଉକ୍ତ ଯୁଦ୍ଧକୁ ହୁନୈନ୍ ଯୁଦ୍ଧ କାହିଁକି କୁହାଯାଏ? କାରଣ ହୁନୈନ୍ ହେଉଛି ମକ୍କା ଓ ତାଏଫ୍ ମଧ୍ୟରେ ଥିବା ଏକ ବସ୍ତିର ନାମ । ଏହା ମକ୍କା ଠାରୁ ପ୍ରାୟ 36 କି.ମି ଦୂରତାରେ ଅବସ୍ଥିତ ଅଟେ । ଉକ୍ତ ଯୁଦ୍ଧ ସେହି ସ୍ଥାନରେ ହୋଇଥିଲା । ଅତଏବ୍ ଉକ୍ତ ଯୁଦ୍ଧକୁ ହୁନୈନ୍ ଯୁଦ୍ଧ ବୋଲି କୁହାଯାଏ । ଉକ୍ତ ଯୁଦ୍ଧରେ ଯେଉଁ ସଂପ୍ରଦାୟ ସାମିଲ୍ ହୋଇଥିଲା ତନ୍ମଧ୍ୟରେ ବୃହତ୍ ସଂପ୍ରଦାୟ ହେଉଛି ହୱାଜିନ୍ ସଂପ୍ରଦାୟ । ତେଣୁ ଉକ୍ତ ଯୁଦ୍ଧକୁ ହୱାଜିନ୍ ଯୁଦ୍ଧ ମଧ୍ୟ କୁହାଯାଏ । କେତେକ ଇତିହାସବିତ୍ ଓ ଜୀବନୀ ଲେଖାଳୀମାନେ ଉକ୍ତ ଯୁଦ୍ଧକୁ ଔତାସ୍ ଯୁଦ୍ଧ ମଧ୍ୟ କୁହନ୍ତି । କାରଣ ଶତ୍ରୁ ସୈନ୍ୟବାହିନୀର ଏକ ଅଂଶ ହୁନୈନ୍ ଠାରୁ ପଳାୟନ କରି ଔତାସ୍ ନାମକ ଉପତ୍ୟକାକୁ ଚାଲି ଯାଇଥିଲା ଏବଂ ମୁସଲମାନମାନେ ସେଠାରେ ପହଞ୍ଚି ଶତ୍ରୁକୁ ପରାସ୍ତ କରି ଦେଇଥିଲେ । ତେଣୁ କେତେକ ବ୍ୟକ୍ତିମାନେ ଉକ୍ତ ଯୁଦ୍ଧର ନାମ ଔତାସ୍ ବୋଲି ଦେଇଛନ୍ତି । **(ଅସ୍ ସିରତୁଲ୍ ହଲବିୟାହ୍, ଭାଗ-3, ପୃ-151, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ଗଜୱାତୁନ୍ ନବୀ ସ.ଅ, ଲେଖକ-ଅଲ୍ଲାମା ବୁର୍‌ହାନୁଦ୍ଦୀନ ହଲବି, ଉର୍ଦ୍ଦୁ ଅନୁବାଦକ, ପୃ-623) (ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ସ.ଅ, ଭାଗ-9, ପୃ-221, ବଜମେ ଇକ୍‌ବାଲ୍, ଲାହୋର) (ଅତ୍‌ବ୍‌କାତୁଲ୍ କୁବ୍ରା, ଭାଗ-2, ପୃ-114, ସରିୟାହ୍ ଜୈଦ୍ ଅଶ୍‌ହଲି, ଇଲା ମନାତ୍, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ ହୁନୈନ୍ ଯୁଦ୍ଧର ଚର୍ଚ୍ଚା ଏହିପରି କରିଛନ୍ତି ଯେ, أَعُوْذُ بِاللّٰهِ مِنَ الشَّيْطَانِ الرَّجِيْمِ۔ لَقَدْ نَصَرَكُمُ اللّٰهُ فِيْ مَوَاطِنَ كَثِيْرَةٍ وَّيَوْمَ حُنَيْنٍ اِذْ اَعْجَبَتْكُمْ كَثْرَتُكُمْ فَلَمْ تُغْنِ عَنْكُمْ شَيْئًا وَّضَاقَتْ عَلَيْكُمُ الْاَرْضُ بِمَا رَحُبَتْ ثُمَّ وَلَّيْتُمْ مُّدْبِرِيْنَ۔ ثُمَّ اَنْزَلَ اللّٰهُ سَكِيْنَتَهٗ عَلٰى رَسُوْلِهٖ وَعَلَى الْمُؤْمِنِيْنَ وَاَنْزَلَ جُنُوْدًا لَّمْ تَرَوْهَا وَعَذَّبَ الَّذِيْنَ كَفَرُوْا ؕ وَذٰلِكَ جَزَآءُ الْكٰفِرِيْنَ۔ ثُمَّ يَتُوْبُ اللّٰهُ مِنْ م بَعْدِ ذٰلِكَ عَلٰى مَنْ يَّشَآءُ ؕ وَاللّٰهُ غَفُوْرٌ رَّحِيْمٌ۔ **(ଅତ୍ ତୌବା:25-27)**

ଅନୁବାଦ: ଅଲ୍ଲାଃତାଲା ତୁମମାନଙ୍କୁ ବହୁ କ୍ଷେତ୍ରରେ ସାହାଯ୍ୟ କରିଛନ୍ତି ଏବଂ ବିଶେଷତଃ ହୁନୈନ୍ ଯୁଦ୍ଧ ଦିନ ଯେତେବେଳେ ତୁମମାନଙ୍କର ସଂଖ୍ୟା ଗରିଷ୍ଠତା ତୁମମାନଙ୍କୁ ଗର୍ବିତ କରିଥିଲା । କିନ୍ତୁ ତାହା ଅର୍ଥାତ୍ ସେହି ସଂଖ୍ୟା ଗରିଷ୍ଠତା ତୁମମାନଙ୍କର କୌଣସି ଉପକାର କରି ନଥିଲା ଏବଂ ପୃଥିବୀର ବିଶାଳତା ସତ୍ତ୍ୱେ ଏହା ତୁମମାନଙ୍କ ପକ୍ଷରେ ସଂକୀର୍ଣ୍ଣ ହୋଇଗଲା ଏବଂ ତୁମେମାନେ ପଶ୍ଚାତ୍‌ପଦ ହୋଇ ପଳାୟନ କରିଥିଲ । ଏହାପରେ ଅଲ୍ଲାଃତାଲା ନିଜ ରସୁଲଙ୍କ ପ୍ରତି ତଥା ବିଶ୍ୱାସକାରୀଙ୍କ ପ୍ରତି ପ୍ରଶାନ୍ତି ଅବତୀର୍ଣ୍ଣ କରିଥିଲେ ଏବଂ ଏପରି ସୈନ୍ୟବାହିନୀ ପ୍ରେରଣ କରିଥିଲେ ଯେ, ଯେଉଁମାନଙ୍କୁ ତୁମେମାନେ ଦେଖିପାରି ନଥିଲ ଏବଂ ସେ ଅବିଶ୍ୱାସକାରୀମାନଙ୍କୁ ଶାସ୍ତି ପ୍ରଦାନ କରିଥିଲେ ଏବଂ ଏହା ହିଁ ଅବିଶ୍ୱାସକାରୀମାନଙ୍କ (ଉଚିତ୍) ପ୍ରତିଫଳ । ଏପରି ଶାସ୍ତି ପ୍ରଦାନ ପରେ ଅଲ୍ଲାଃତାଲା ଯାହାକୁ ଇଚ୍ଛା କରନ୍ତି ତା' ପ୍ରତି ନିଜର କରୁଣା ପ୍ରଦର୍ଶନ କରିଥାଆନ୍ତି ଏବଂ ଅଲ୍ଲାଃତାଲା ଅତ୍ୟନ୍ତ କ୍ଷମାଶୀଳ ଓ ସଦା କରୁଣାମୟ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହାର କାରଣ ଏହା ହେଲା ଯେ, ଯେତେବେଳେ ମକ୍କା ବିଜିତ ହେଲା । ଅର୍ଥାତ୍ ମକ୍କାକୁ ଜୟ କରିନିଆଗଲା ସେତେବେଳ ପର୍ଯ୍ୟନ୍ତ ଆରବର ବଡ଼ ବଡ଼ ସଂପ୍ରଦାୟ ଇସ୍‌ଲାମ୍ ଧର୍ମ ଗ୍ରହଣ କରିନେଲେ କିମ୍ବା ଆଁହଜରତ୍ ସ.ଅଙ୍କ ଆଜ୍ଞାବହତ୍ୱତା ଓ ଆଁହଜରତ ସ.ଅଙ୍କ ବଶ୍ୟତା ସ୍ୱୀକାର କରି ନେଇଥିଲେ । କିନ୍ତୁ ମକ୍କା ପାଖରେ ବାସ କରୁଥିବା ହୱାଜିନ୍ ସଂପ୍ରଦାୟ ଓ ବନୁ ସକିଫ୍ ସଂପ୍ରଦାୟମାନେ ଅତ୍ୟନ୍ତ ବିଦ୍ରୋହୀ, ଅହଂକାରୀ ଓ ଯୋଦ୍ଧୃ ଜାତି ଥିଲେ । ସେମାନେ କେବଳ ଆଁହଜରତ ସ.ଅଙ୍କ ବଶ୍ୟତା ସ୍ୱୀକାର କରିବାକୁ ପ୍ରତ୍ୟାଖ୍ୟାନ କଲେ ନାହିଁ ବରଂ ସେମାନଙ୍କର ଅଧିପତିମାନେ ଏକତ୍ରିତ ହେଲେ ଏବଂ କହିବାକୁ ଲାଗିଲେ ଯେ, ମୁହମ୍ମଦ୍ ସ.ଅ ମକ୍କା ସମେତ ଆରବ ସଂପ୍ରକଦାୟକୁ ନିଜର ଆଜ୍ଞାକାରୀ ଜାତି କରି ନେଇଅଛି । ବର୍ତ୍ତମାନ ସେମାନେ ଆମମାନଙ୍କ ଆଡ଼କୁ ଅଗ୍ରସର ହେବା ପୂର୍ବରୁ ଆମେମାନେ ସ୍ୱୟଂ ସେମାନଙ୍କ ଉପରେ ଆକ୍ରମଣ କରିଦେବୁ । ସେମାନେ ସ୍ୱୟଂ ଉକ୍ତ କଥା ଭାବିନେଲେ ଏବଂ ଏହିପରି ମଧ୍ୟ କହିବାକୁ ଲାଗିଲେ ଯେ, ମୁହମ୍ମଦ୍ ସ.ଅ ଏପର୍ଯ୍ୟନ୍ତ ଅଶିକ୍ଷିତ ଓ ଅନଭିଜ୍ଞ ସୈନ୍ୟବାହିନୀଙ୍କ ସହିତ ଯୁଦ୍ଧ କରିଛନ୍ତି । ଆମ ସହିତ ମୁହମ୍ମଦ୍ ସ.ଅ ଯୁଦ୍ଧ କରି ନାହାନ୍ତି । ବନୁ ହୱାଜିନ୍ ସଂପ୍ରଦାୟ ସହିତ ସକିଫ୍ ସଂପ୍ରଦାୟ, ନଜର୍ ସଂପ୍ରଦାୟ ଓ ବନୁ ଜୁଶମ୍ ସଂପ୍ରଦାୟର ସମସ୍ତ ଯୋଦ୍ଧାମାନେ ଓ ଅନ୍ୟାନ୍ୟ ସଦସ୍ୟମାନେ ଏକତ୍ରିତ ହୋଇଗଲେ । ସାଆଦ୍ ବିନ୍ ବକର୍ ଓ ବନୁ ହିଲାଲ୍ ସଂପ୍ରଦାୟ ମଧ୍ୟରୁ କିଛି ଲୋକ ମଧ୍ୟ ଏକତ୍ରିତ ହେଲେ ।

**(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-5, ପୃ-310, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, କେତେକ ବର୍ଣ୍ଣନାରୁ ଏହା ଜ୍ଞାତ ହୁଏ ଯେ, ବନୁ ହୱାଜିନ୍ ସଂପ୍ରଦାୟ ବାସ୍ତବରେ ଏହା ପୂର୍ବରୁ ହିଁ ଇସ୍‌ଲାମ୍ ଧର୍ମ ଉପରେ ଆକ୍ରମଣ କରିବାକୁ ଯୋଜନା ଆରମ୍ଭ କରିଦେଇଥିଲା । କାରଣ ଯେତେବେଳେ ସେମାନେ ଦେଖିଲେ ଯେ, ମୁହମ୍ମଦ୍ ସ.ଅ ଧୀରେ ଧୀରେ ଇହୁଦୀମାନଙ୍କ ସମେତ ଅନ୍ୟ ସଂପ୍ରଦାୟମାନଙ୍କୁ ନିଜ ଅଧୀନକୁ ନେଇ ଆସିଛନ୍ତି, ସେତେବେଳେ ସେମାନେ ଚିନ୍ତିତ ହେଲେ ଯେ, ଏପରି ନ ହେଉ କି ମୂର୍ତ୍ତି ଉପାସନା ସମାପ୍ତ ହୋଇଯିବ ଏବଂ ମୁହମ୍ମଦ ସ.ଅ ନିଜର ସାଥିମାନଙ୍କ ସହିତ ସମସ୍ତଙ୍କ ଉପରେ ଜୟଲାଭ କରିନେବେ । ତେଣୁ ଏହା ଆବଶ୍ୟକ ଯେ, ସେମାନଙ୍କର ମାର୍ଗ ଅବରୋଧ କରାଯାଉ । ସୁତରାଂ ଏଥି ନିମନ୍ତେ ସେମାନେ ପ୍ରସ୍ତୁତି ଆରମ୍ଭ କରିଦେଲେ ଓ ଉର୍‌ୱାହ୍ ବିନ୍ ମସ୍‌ଉଦ୍‌ଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଉର୍ଦ୍ଦନ୍‌ର ସହର ଜୁରଶ୍ ଅଭିମୁଖେ ପ୍ରେରଣ କଲେ । କାରଣ ସେଠାରୁ ଅସ୍ତ୍ରଶସ୍ତ୍ର ଓ ଯୁଦ୍ଧାସ୍ତ୍ର ଇତ୍ୟାଦି ଘିନି ଆଣିବେ । ଅତଏବ୍ ବନୁ ହୱାଜିନ୍ ସଂପ୍ରଦାୟର ପ୍ରସ୍ତୁତିର ସୂଚନା ଏହିପରି ମିଳିଲା ଯେ, ଯେତେବେଳେ ଆଁହଜରତ ସ.ଅ ମକ୍କ ବିଜୟ ନିମନ୍ତେ ମଦିନାରୁ ମକ୍କା ଅଭିମୁଖେ ସୈନ୍ୟବାହିନୀ ପ୍ରେରଣ କଲେ ସେତେବେଳେ ଆପଣ ସ.ଅ ସୈନ୍ୟବାହିନୀର ଆଗକୁ କିଛି ଲୋକମାନଙ୍କୁ ପ୍ରେରଣ କରିଥିଲେ । ଏହି ଲୋକମାନେ ହୱାଜିନ୍ ସଂପ୍ରଦାୟର ଜଣେ ବ୍ୟକ୍ତିକୁ ଗିରଫ କରିନେଲେ । ଉକ୍ତ ବ୍ୟକ୍ତି ଜଣକ ଗୁଇନ୍ଦା ଥିଲା । ହୱାଜିନ୍ ସଂପ୍ରଦାୟ ପକ୍ଷରୁ ଉକ୍ତ ବ୍ୟକ୍ତିକୁ ମୁସଲମାନମାନଙ୍କ ଉପରେ ନଜର ରଖିବା ନିମନ୍ତେ କୁହାଯାଇଥିଲା । ସେଇଥି ପାଇଁ ସେ ଏଣେତେଣେ ବୁଲୁଥିଲା । ଯେତବେଳେ ଆଁହଜରତ ସ.ଅ ସେହି ଗୁଇନ୍ଦା ବ୍ୟକ୍ତିକୁ ପଚାରିଲେ ଏବଂ ଭଲ ଭାବରେ ଯେତେବେଳେ ପଚରା ଉଚରା କଲେ ସେତେବେଳେ ସେ କହିଲା, ବନୁ ହୱଜିନ୍ ସଂପ୍ରଦାୟ ଏକ ବିଶାଳ ସୈନ୍ୟବାହିନୀ ପ୍ରସ୍ତୁତ କରିଛି ଓ ବନୁ ସକିଫ୍‌କୁ ମଧ୍ୟ ନିଜ ସହିତ ସାମିଲ୍ କରି ନେଇଛି ଓ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ନିମନ୍ତେ ଏକ ପ୍ରତିନିଧି ଦଳକୁ ଜୁରୁଶ୍ ଅଭିମୁଖେ ପ୍ରେରଣ କରିଛି । **(ତାରିଖୁତ୍ ତବ୍ରୀ, ଭାଗ-2, ପୃ-166-167, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍) (ଇମ୍‌ତାଅଲ୍ ଅସ୍‌ମା, ଭାଗ-1, ପୃ-356, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)(ହୁନୈନ୍ ଯୁଦ୍ଧ, ଲେଖକ-ମୁହମ୍ମଦ୍ ବାଶମିଲ୍, ପୃ-83-85, ନଫିସ୍ ଏକାଡେମୀ, କରାଚୀରୁ ଉଦ୍ଧୃତ) (ଅଲ୍ ଲୁ ଲୁଉଲ୍ ମକ୍‌ନୁନ୍, ଜୀବନୀ ଶବ୍ଦକୋଷ, ଭାଗ-9, ପୃ-240, ଦାରୁସ୍ ସଲାମ୍‌ରୁ ଉଦ୍ଧୃତ)**

ବନୁ ହୱାଜିନ୍ ସଂପ୍ରଦାୟ ଏହି ପ୍ରସ୍ତୁତିରେ ଥିଲେ କି ମକ୍କା ବିନା କୌଣସି ପରିଶ୍ରମ ଓ କଷ୍ଟରେ ଅତି ସହଜରେ ଜୟ ହୋଇଗଲା । ଏହା ଦେଖି ହୱାଜିନ୍ ସଂପ୍ରଦାୟ ନିଜର ସାମରିକ ଶକ୍ତିର ଅହଂକାରରେ ଆସକ୍ତ ହୋଇ ଏହି ନିଷ୍ପତ୍ତି ନେଲେ ଏବଂ କହିଲେ ଯେ, ଆମେମାନେ ସ୍ୱୟଂ ମୁହମ୍ମଦ୍ ସ.ଅ ଓ ତାଙ୍କର ସୈନ୍ୟବାହିନୀ ସହିତ ମୁକାବିଲା କରିବା ନିମନ୍ତେ ବାହାରିବୁ ଏବଂ ଯେପରିକି ସେମାନଙ୍କର ଏହି ଧାରଣ ରହିଥିଲା କି ସେମାନେ ମୁସଲମାନମାନଙ୍କୁ ପରାସ୍ତ କରି ସେମାନଙ୍କର ମୂଳୋତ୍ପାଟନ କରିପାରିବେ । ସେହି ସମସ୍ତ ସଂପ୍ରଦାୟମାନେ ହୱାଜିନ୍ ସଂପ୍ରଦାୟର 30 ବର୍ଷୀୟ ଯୁବକ ଅଧିପତି ମାଲିକ୍ ବିନ୍ ଔଫ୍‌କୁ ନିଜର ସେନାପତି ଓ ଅଧିପତି କଲେ । 20 ହଜାର ସୈନ୍ୟବାହିନୀ ପ୍ରସ୍ତୁତ ହୋଇ ହୁନୈନ ଅଭିମୁଖେ ଅଗ୍ରସର ହେବାକୁ ଲାଗିଲା। ବନୁ ହୱାଜିନ୍ ସଂପ୍ରଦାୟର ଅଧିପତି ମାଲିକ୍ ବିନ୍ ଔଫ୍ ସେହି ଯୁଦ୍ଧ ନିମନ୍ତେ ପ୍ରସ୍ତୁତ ହେବାର ଏପରି ପଦକ୍ଷେପ ଉଠାଇଲା ଯେ, ଏପରି ପଦକ୍ଷେପ ଆରବର ଇତିହାସରେ କେବେ କେହି ଉଠାଇ ନଥିଲା । ଏହି ସେନାପତି ଜଣକ ପ୍ରତ୍ୟେକ ସଂପ୍ରଦାୟର ପ୍ରତ୍ୟେକ ସଦସ୍ୟକୁ ଏହି ଆଦେଶ ଦେଲା ଯେ, ସେ ଯୁଦ୍ଧ ନିମନ୍ତେ ନିଜର ଘରୁ ଏକୁଟିଆ ନବାହାରୁ ବରଂ ନିଜର ସ୍ତ୍ରୀ ପିଲା ଛୁଆଙ୍କୁ ଓ ନିଜର ଗୃହପାଳିତ ଜୀବମାନଙ୍କୁ ମଧ୍ୟ ସାଙ୍ଗରେ ଘେନି ଆଣୁ । ତହିଁରୁ ତା'ର ଏହି ଅଭିପ୍ରାୟ ରହିଥିଲା ଯେ, ତା' ସୈନ୍ୟବାହିନୀର ପ୍ରତ୍ୟେକ ସିପାହୀ ଅକ୍ଳାନ୍ତ ପରିଶ୍ରମ, ବୀରତ୍ୱ ପ୍ରଦର୍ଶନ ଓ ଯୁଦ୍ଧ କରିବ । ମାଲିକ୍ ବିନ୍ ଔଫ୍‌ର ମସ୍ତିଷ୍କରେ ଏକଥା ମଧ୍ୟ ଥିବ ଯେ, ତା' ନିମନ୍ତେ ପଳାୟନ କରିବାର କୌଣସି ମାର୍ଗ ନାହିଁ । କାରଣ ତା'ର ଓ ତା' ସିପାହୀମାନଙ୍କର ସ୍ତ୍ରୀ ଓ ପିଲା ଛୁଆମାନେ ସମସ୍ତେ ତା' ସାଥିରେ ଅଛନ୍ତି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ ଯୁଦ୍ଧରେ ଜନୈକ ବୃଦ୍ଧ ଅଧିପତି ଯାହାର ନାମ ଦୁରୈଦ୍ ବିନ୍ ସିମ୍ମା ଥିଲା । ସେ ମାଲିକ୍ ବିନ ଔଫ୍‌କୁ ଯୁଦ୍ଧରୁ ଅଟକାଇବା ନିମନ୍ତେ ଚେଷ୍ଟା କରୁଥିଲା । ଏହି ଚର୍ଚ୍ଚା ମଧ୍ୟ ମିଳେ । ଏହି ବୃଦ୍ଧ ବ୍ୟକ୍ତି ଜଣକ ହୱାଜିନ୍ ସଂପ୍ରଦାୟ ସହିତ ଥିଲା କି ବନୁ ଜୁଶମ୍ ସଂପ୍ରଦାୟରେ ଦୁରୈଦ୍ ବିନ୍ ସିମ୍ମାନ ନାମକ ଜଣେ ବ୍ୟକ୍ତି ଥିଲା । ତା'ର ବୟସ ପ୍ରାୟ 100 ବର୍ଷରୁ ଉର୍ଦ୍ଧ୍ୱ ଥିଲା । ସେହି ବୃଦ୍ଧର ଦୃଷ୍ଟି ଶକ୍ତି ନଥିଲା। ସେହି ବୃଦ୍ଧ ବ୍ୟକ୍ତି ମଧ୍ୟରେ ଯୁଦ୍ଧ କରିବା ନିମନ୍ତେ ଶକ୍ତି ଓ ସାମର୍ଥ୍ୟ ନଥିଲା। କିନ୍ତୁ ସେ ଜଣେ ଅଭିଜ୍ଞ ବ୍ୟକ୍ତି ଥିଲା । ସେ ଯୁଦ୍ଧ କୌଶଳ ସଂପର୍କରେ ଭଲ ଭାବରେ ପିଚିତ ଓ ଅବଗତ ଥିଲା । କୌଣସି କାଳରେ ସାହସିକତା ଏବଂ ଅଶ୍ୱାରୋହୀରେ ସେ ବିଖ୍ୟାତ ଥିଲେ । ତେଣୁ ମାଲିକ୍ ବିନ୍ ଔଫ୍‌ର ସୈନ୍ୟବାହିନୀମାନେ ସେହି ବୃଦ୍ଧକୁ ମଧ୍ୟ ନିଜ ସାଙ୍ଗରେ ନେଇନେଲେ । କାରଣ ତା'ର ଯୁଦ୍ଧ ଅଭିଜ୍ଞାତା ତଥା ଅନୁଭବରୁ ସେମାନେ ଉପକୃତ ହୋଇପାରିବେ । ଯେତେବେଳେ ମାଲିକ୍ ବିନ୍ ଔଫ୍ ଲୋକମାନଙ୍କ ସହିତ ମିଶି ରସୁଲ୍ କରୀମ୍ ସ.ଅଙ୍କ ଆଡ଼କୁ ଯିବା ନିମନ୍ତେ ସହମତି ପ୍ରକାଶ କରିନେଲା ଏବଂ ଲୋକମାନେ ନିଜର ଧନ ସମ୍ପଦ, ସ୍ତ୍ରୀ, ପିଲା ଛୁଆମାନଙ୍କୁ ଧରି ବାହାରିଲେ, ଏପର୍ଯ୍ୟନ୍ତକି ସେମାନେ ଔତାସ୍‌ର ଉପତ୍ୟକା ଠାରେ ପହଞ୍ଚିଗଲେ ଏବଂ ସେଠାରେ ଶିବିର ସ୍ଥାପନ କଲେ । ବୃଦ୍ଧ ଦୁରୈଦ୍ ବିନ୍ ସିମ୍ମା ଘୋଡ଼ା ଉପରୁ ତଳକୁ ଓହ୍ଲାଇ ଭୂମିକୁ ନିଜ ହାତରେ ସ୍ପର୍ଶ କଲା ଏବଂ କହିଲା ହେ, ମାଲିକ୍ ବିନ୍ ଔଫ୍ ଓ ସୈନ୍ୟବାହିନୀମାନେ ! ତୁମେମାନେ ବର୍ତ୍ତମାନ କେଉଁ ଉପତ୍ୟକାରେ ଅଛ ? ସେମାନେ କହିଲେ, ଆମେମାନେ ଔତାସ୍ ଉପତ୍ୟକାରେ ଅଛୁ । ସେ କହିଲା, ଉକ୍ତ ଭୂମି ଟାଣ ଅଟେ ଏବଂ ଅଶ୍ୱ ଚାଲିବା ନିମନ୍ତେ ଭଲ ଓ ଅନୁକୂଳ ଅଟେ । ଏଠାରେ କୌଣସି ଆମକୁ କୌଣସି ଅସୁବିଧା ହେବ ନାହିଁ । ଏହି ଭୂମି ଏତେ କୋମଳ ନୁହେଁ ଯେ, ଅଶ୍ୱର ଖୁର ଭୂମିରେ ଧସିଯିବ । କିନ୍ତୁ ପିଲାମାନଙ୍କର କାନ୍ଦିବାର, ଓଟ, ଗଧ, ଛେଳୀ ଓ ଗୋରୁ ଗାଈଙ୍କର ସ୍ୱର ମୋତେ ଏତେ କାହିଁକି ଶୁଭୁଛି ? ଲୋକମାନେ ଉତ୍ତର ଦେଲେ ଯେ, ହେ ଦୁରୈଦ୍ ବିନ୍ ସିମ୍ମା ! ମାଲିକ ବିନ୍ ଔଫ୍‌ର ଆଦେଶ ମତେ ସମସ୍ତ ଆବାଳ ବୃଦ୍ଧ ବନୀତା, ଧନ ଓ ଗୃହପାଳିତ ଜୀବମାନଙ୍କୁ ଆମ ସାଥିରେ ଅଣା ଯାଇଅଛି । ତେଣୁ ଦୁରୈଦ୍ ମାଲିକି ବିନ୍ ଔଫ୍‌କୁ କହିଲା, ହେ ମାଲିକ୍ ! ତୁ ଆଜି ନିଜ ଜାତିର ଅଧିପତି ଅଟୁ । ଆଜିର ଦିନର ପ୍ରଭାବ ଅନ୍ୟ ଦିନମାନଙ୍କ ଉପରେ ଅବଶ୍ୟ ପଡ଼ିବ । ତୁ ସ୍ତ୍ରୀ, ପିଲାଛୁଆ, ଓଟ, ଗଧ, ଛେଳୀ ଓ ଗୋରୁ ଗାଈଙ୍କୁ ସାଙ୍ଗରେ କାହିଁକି ଆଣିଛୁ ? ମାଲିକ୍ ବିନ୍ ଔଫ୍ ଉତ୍ତର ଦେଲା ଯେ, ମୁଁ ଚାହୁଁଛି ଯେ, ମୁଁ ପ୍ରତ୍ୟେକ ବ୍ୟକ୍ତିର ପଛରେ ତା' ପରିବାରକୁ ଛିଡ଼ା କରିଦେବି । କାରଣ ସେ ଅର୍ଥାତ୍ ପରିବାର ମୁଖ୍ୟ ଯୁଦ୍ଧରେ ଶତ୍ରୁ ସହିତ ନିର୍ଭୀକ ଭାବରେ ଲଢୁ । ଦୁରୈଦ୍ କହିଲା, ଏହା ଅତ୍ୟନ୍ତ ଭୁଲ୍ ମତାମତ ଅଟେ । ମୁଁ ଅଲ୍ଲାଃତାଲାଙ୍କର ରାଣ ଖାଇ କହୁଛି ! ତୁମେ କେବଳ ଛେଳୀ ମେଣ୍ଢାମାନଙ୍କୁ ଚରେଇବା ହିଁ ଜାଣିଛ । ତା'ର କହିବାର ତାତ୍ପର୍ଯ୍ୟ ଏହା ଥିଲା ଯେ, ହେ ମାଲିକ୍ ବିନ୍ ଔଫ୍ ! ତୁମକୁ ଯୁଦ୍ଧ ସଂପର୍କରେ କିଛି ଜଣା ନାହିଁ । ହେ ମାଲିକ୍! କ'ଣ ପରାଜିତ ଜାତିକୁ କୌଣସି ଜିନିଷ ମିଳିପାରିବ କି ? ଶୁଣ ! ଯୁଦ୍ଧରେ ତୁମର ଲାଭ ନିମନ୍ତେ କେବଳ ଉକ୍ତ କଥା ହିଁ ଯଥେଷ୍ଟ ଯେ, ବ୍ୟକ୍ତିର ବର୍ଚ୍ଛା ଓ ବ୍ୟକ୍ତିର ଖଡ଼୍‌ଗ ହିଁ କାମ ଦେବ । ଆଉ ଯଦି ଯୁଦ୍ଧର ନିର୍ଣ୍ଣୟ ତଥା ନିଷ୍ପତ୍ତି ତୁମ ବିପରୀତ ହେଲା ତେବେ ତୁମେ ନିଜର ସ୍ତ୍ରୀ, ସନ୍ତାନ ଓ ଧନକୁ ହରାଇ ବସିବ । ହେ ମାଲିକ୍ ! ତୁ ହୱାଜିନ୍ ସଂପ୍ରଦାୟର ଲୋକ ଏବଂ ଅଶ୍ୱମାନଙ୍କୁ ଆଗକୁ ଅଗ୍ରସର କର ନାହିଁ ? ତେଣୁ ତୁମେ ମୋ କଥା ମାନ ଯେ, ତୁମେ ନିଜର ସ୍ତ୍ରୀ, ପିଲାଛୁଆମାନଙ୍କୁ ଜାତିର ଦୁର୍ଗ ମଧ୍ୟକୁ ପଠାଇ ଦିଅ । ତତ୍ପରେ ଅଶ୍ୱ ଉପରେ ଆରୋହଣ ହୋଇ ସେମାନଙ୍କ ସହିତ ଯୁଦ୍ଧ କର ଏବଂ ପଦାତିକ ସୈନ୍ୟବାହିନୀ ଅଶ୍ୱବାହିନୀ ମଧ୍ୟରେ ରହିବ । ଯଦି ତୁମେ ବିଜୟୀ ହେଲେ ତେବେ ଏହି ଲୋକମାନେ ଅର୍ଥାତ ସ୍ତ୍ରୀ, ପିଲାଛୁଆମାନେ ଓ ଗୃହପାଳିତ ଜୀବମାନେ ତୁମକୁ ମିଳିଯିବେ । ଆଉ ଯଦି ତୁମେ ଅସଫଳ ରହିଲ ତେବେ ତୁମେ ସେମାନଙ୍କ ନିକଟକୁ ଚାଲିଯିବ । ଏହିପରି ଭାବରେ ତୁମର ପରିବାରବର୍ଗ ଓ ସମସ୍ତ ପାଳିତ ଜୀବମାନେ ବର୍ତ୍ତିଯିବେ । ମାଲିକ୍ ବିନ୍ ଔଫ୍ କହିଲା, ହେ ଦୁରୈଦ୍ ! ମୁଁ କଦାପି ଏପରି କରିବି ନାହିଁ ଓ ନା ହିଁ ମୁଁ ନିଜର ନିଷ୍ପତ୍ତିକୁ ବଦଳାଇ ଦେଇପାରିବି । ତୁମେ ବୃଦ୍ଧ ହୋଇଯାଇଛ, ତୁମର ବୁଦ୍ଧି ଶୁଦ୍ଧି ସବୁ ହଜି ଯାଇଛି । ଦୁରୈଦ୍ ପୁନଶ୍ଚ କହିଲା, ହେ ହୱାଜିନ୍ ଜାତି ! ଏହି ନିଷ୍ପତ୍ତିଟି ଆଦୌ ଠିକ୍ ନୁହଁ । ଏହି ବ୍ୟକ୍ତି ତୁମମାନଙ୍କର ମହିଳାମାନଙ୍କୁ ଅସମ୍ମାନିତ କରିଦେବେ ଓ ତୁମମାନଙ୍କୁ ଶତ୍ରୁକୁ ହସ୍ତାନ୍ତର କରିଦେଇ ନିଜେ ସକିଫ୍‌ର ଦୁର୍ଗ ମଧ୍ୟରେ ଯାଇ ଲୁଚିଯିବ । ତେଣୁ ତୁମେମାନେ ଫେରିଯାଅ ଓ ମାଲିକ୍ ବିନ୍ ଔଫ୍‌କୁ ଛାଡ଼ିଦିଅ । ଅତଏବ୍ ଦୁରୈଦ୍ ବିନ୍ ସିମ୍ମାନ ଏହିପରି ଭାବରେ ହୱାଜିନ୍ ସଂପ୍ରଦାୟର ଲୋକମାନଙ୍କୁ ଯୁଦ୍ଧ ନକରିବାକୁ ପରାମର୍ଶ ଦେଲା । ପ୍ରତ୍ୟୁତ୍ତରରେ ମାଲିକ୍ ବିନ୍ ଔଫ୍ ଯେକି ନିଜ ସୈନ୍ୟବାହିନୀର ସେନାପତି ଥିଲା, ସେ ନିଜର ଖଡ଼୍‌ଗ ବାହାର କଲା ଏବଂ କହିଲା, ହେ ହୱାଜିନ୍ ସଂପ୍ରଦାୟ ! ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ! ତୁମମାନଙ୍କୁ ମୋର ଆଜ୍ଞା ସ୍ୱୀକାର କରିବାକୁ ପଡ଼ିବ ଅନ୍ୟଥା ମୁଁ ନିଜର ସମସ୍ତ ବୋଝ (ବଳ) ଉକ୍ତ ଖଡ଼୍‌ଗ ଉପରେ ପକାଇ ଉକ୍ତ ଖଡ଼୍‌ଗକୁ ମୋ ଛାତିରେ ଫୁଟାଇ ଆରପଟେ ବାହାର କରିଦେବି। ଅର୍ଥାତ୍ ମୁଁ ଆତ୍ମହତ୍ୟା କରିନେବି । ବନୁ ହୱାଜିନ୍ ସଂପ୍ରଦାୟ ପରସ୍ପର ମଧ୍ୟରେ ପରାମର୍ଶ କଲେ ଏବଂ କହିଲେ, ଆମେମାନେ ଅଲ୍ଲାଃତାଲାଙ୍କ ରାଣ ଖାଇ କହୁଛୁ ! ଯଦି ଆମେମାନେ ଅବଜ୍ଞା ପ୍ରଦର୍ଶନ କଲୁ ତେବେ ମାଲିକ୍ ନିଜକୁ ନିଜେ ମାରିଦେବ । କିନ୍ତୁ ସେ ଜଣେ ଯୁବକ ଅଟେ । ତା'ର ବୟସ 30 ବର୍ଷ ଅଟେ । ମାଲିକ୍ ବିନ୍ ଔଫ୍ ଯଦି ମୃତ୍ୟୁବରଣ କରେ ତେବେ ଆମେମାନେ ଦୁରୈଦ୍ ବିନ୍ ସିମ୍ମା ସହିତ ଏକୁଟିଆ ରହିଯିବୁ। ଦୁରୈଦ୍ ପୁଣି ବୃଦ୍ଧ ଲୋକ ଅଟେ। ତେଣୁ ହୱାଜିନ୍ ସଂପ୍ରଦାୟର ଲୋକମାନେ ଦୁରୈଦ୍‌କୁ ପଚାରିଲେ ଯେ, ହେ ଦୁରୈଦ୍ ଏହି ମତ ବ୍ୟତୀତ ଅନ୍ୟ କୌଣସି ମତ ରହିଛି କି ? ଦୁରୈଦ୍ କହିଲା, ହେ ହୱିଜିନ୍ ସଂପ୍ରଦାୟ ! ତୁମେମାନେ ଶତ୍ରୁ ମଧ୍ୟରେ ନିଜର ଲୋକମାନଙ୍କୁ ଲୁଚାଇ ଦିଅ । ଏହି ଲୋକମାନେ ତୁମମାନଙ୍କୁ ସହାୟକ ହେବେ। ଯଦି ଶତ୍ରୁ ତୁମମାନଙ୍କ ଉପରେ ଆକ୍ରମଣ କଲା ତେବେ ଏହି ଲୋକମାନେ ଶତ୍ରୁର ପଛପଟୁ ଶତ୍ରୁ ଉପରେ ଆକ୍ରମଣ କରିବେ ଓ ତୁମମାନେ ନିଜର ସାଥିମାନଙ୍କ ସହିତ ପୁନର୍ବାର ଶତ୍ରୁ ଉପରେ ଆକ୍ରମଣ କରିପାରିବ। ଆଉ ଯଦି ତୁମେମାନେ ଆକ୍ରମଣ କଲ ତେବେ ସେମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ବି ପଛକୁ ହଟିବ ନାହିଁ । ମାଲିକ୍ ବିନ୍ ଔଫ୍ ସେତେବେଳେ ନିଜର ସାଥିମାନଙ୍କୁ କହିଲା, ହେ ସାଥିମାନେ ! ତୁମେମାନେ ଘାଟି ମଧ୍ୟରେ ଏବଂ ଉପତ୍ୟକାର ପାଦ ଦେଶରେ ଲୁଚିଯାଅ। ତୁମେମାନେ ପ୍ରଥମ ଆକ୍ରମଣ ଏକାଥରକେ ଓ ସହସା କରିଦିଅ । କାରଣ ଆମେ ଇସ୍‌ଲାମୀୟ ସୈନ୍ୟବାହିନୀକୁ ପରାସ୍ତ କରିପାରିବା । **(ସିରତ୍ ଇବ୍‌ନେ ହିଶ୍ଶାମ୍, ପୃ-761-762, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ଅସ୍ ସିରତୁଲ୍ ହଲବିୟାହ୍, ଭାଗ-3, ପୃ-151-152, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ତାରିଖୁଲ୍ ଖମିସ୍, ଭାଗ-2, ପୃ-508-509, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-5, ପୃ-311-312, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍) (ହୁନୈନ୍ ଯୁଦ୍ଧ, ଲେଖକ-ମୁହମ୍ମଦ ବାଶମିଲ୍, ପୃ-83-85, ନଫିସ୍ ଏକାଡ଼େମୀ, କରାଚୀ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ ସ.ଅଙ୍କୁ ବନୁ ହୱାଜିନ୍ ସଂପ୍ରଦାୟର ପ୍ରସ୍ତୁତିର ସୂଚନା ମଧ୍ୟ ମିଳିଥିଲା । ପୂର୍ବେ ଏହାର କିଛି ଅଂଶ ବର୍ଣ୍ଣିତ ହୋଇଥିଲା । ଏହାର ସବିଶେଷ ବିବରଣୀ ଏହିପରି ଯେ, ରସୁଲୁଲ୍ଲାଃ ସ.ଅଙ୍କୁ ମକ୍କାରେ ଏହି ଘଟଣାବଳୀ ସଂପର୍କରେ ଯେତେବେଳେ ସୂଚନା ପ୍ରାପ୍ତ ହେଲା ସେତେବେଳେ ଆଁହଜରତ ସ.ଅ ହୱାଜିନ୍ ସଂପ୍ରଦାୟର ସୈନ୍ୟବାହିନୀର ପରିସ୍ଥିତିର ସମୀକ୍ଷା କରିବା ନିମନ୍ତେ ହ. ଅବ୍‌ଦୁଲ୍ଲାଃ ବିନ୍ ଅବୁ ହଦ୍‌ରଦ୍ ଅସ୍‌ଲମିଙ୍କୁ ପ୍ରେରଣ କରିଥିଲେ । ଏହି ଗୁଇନ୍ଦା ଜଣକ ଆଁହଜରତ୍ ସ.ଅଙ୍କୁ ଏହି ସୂଚନା ଦେଇଥିଲା ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢ଼ି ପ୍ରେରଣ କରିଛୁ ।**

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan ,
Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"

(ଆଲେ ଇମ୍ରାନ୍ :93)

**ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।**

ତାଲିବେ ଦୁଆ: Sheikh Ghulam Ahmad & Family, Jamat
Ahmadiya Kerang, Darul Barkat (Odisha)

ଇସ୍‌ଲାମୀୟ ଶତ୍ରୁମାନେ ଆମ ବିପକ୍ଷରେ ଅସ୍ତ୍ରଶସ୍ତ୍ର ଏକତ୍ରିତ କରୁଛନ୍ତି। ତେଣୁ ବର୍ତ୍ତମାନ ଯେତେବେଳେ ଏହି ପ୍ରସ୍ତୁତି ହୋଇସାରିଛି ତେଣୁ ଆଁହଜରତ୍ ସ.ଅ ସେଇଥିପାଇଁ ନିଜର ଜଣେ ବ୍ୟକ୍ତିଙ୍କୁ ପ୍ରେରଣ କଲେ । ତେଣୁ ଆଁହଜରତ୍ ସ.ଅ ଅବ୍‌ଦୁଲ୍ଲାଃ ବିନ୍ ଅବୁ ହଦ୍‌ରଦ୍ ଅସ୍‌ଲମୀଙ୍କୁ କହିଲେ, ହେ ଅବ୍‌ଦୁଲ୍ଲାଃ ବିନ୍ ଅବୁ ହଦ୍‌ରଦ୍ ଅସ୍‌ଲମୀ ! ତୁମେ ଇସ୍‌ଲାମୀୟ ସୈନ୍ୟବାହିନୀର ଯେଉଁ ଶତ୍ରୁମାନେ ରହିଛନ୍ତି ସେମାନଙ୍କର ସଂପର୍କରେ ମୋତେ ଖବର ଆଣି ଦିଅ । ଅତଏବ୍ ସେ ହୱାଜିନ୍ ସଂପ୍ରଦାୟର ଲୋକମାନଙ୍କ ମଧ୍ୟରେ ଏବଂ ସେମାନଙ୍କର ସୈନ୍ୟବାହିନୀ ମଧ୍ୟରେ ପ୍ରବେଶ କଲେ ଏବଂ ସେମାନଙ୍କ ସହିତ ଚାଲି ପ୍ରତ୍ୟେକ ପ୍ରକାରର ତଥ୍ୟ ଏକତ୍ରିତ ବା ସଂଗ୍ରହ କଲେ । ହ. ଅବ୍‌ଦୁଲ୍ଲାଃ ବିନ୍ ଅବୁ ହଦ୍‌ରଦ୍ ଅସ୍‌ଲମୀ ର.ଅ ଗୋଟିଏ କିମ୍ବା ଦୁଇ ଦିନ ହୱାଜିନ୍ ସଂପ୍ରଦାୟର ସୈନ୍ୟବାହିନୀ ମଧ୍ୟରେ ରହିଲେ । ଏପର୍ଯ୍ୟନ୍ତକି ସେମାନେ ମାଲିକ୍ ବିନ୍ ଔଫ୍‌କୁ ଏହା କହୁଥିବାର ମଧ୍ୟ ଶୁଣିଲେ ଯେ, ସେ ଏନିଜର ସାଥିମାନଙ୍କ ଉତ୍ସାହକୁ ଅଭିବୃଦ୍ଧ କରିବା ନିମନ୍ତେ ଏହା କହୁଥିଲା ଯେ, ହେ ମୁହମ୍ମଦ ସ.ଅ ଏହା ପୂର୍ବରୁ ଏପରି କୌଣସି ଜାତି ସହିତ ଯୁଦ୍ଧ କରି ନାହାନ୍ତି ଯେଉଁ ଜାତି ଯୁଦ୍ଧ କୌଶଳ ସହିତ ଅବଗତ ହୋଇଥିବ। ସେ (ମୁହମ୍ମଦ୍ ସ.ଅ) ଏପରି ଯୁବକଙ୍କ ସହିତ ଯୁଦ୍ଧ କରିଛନ୍ତି ଯେଉଁମାନଙ୍କୁ ଯୁଦ୍ଧ ସଂପର୍କରେ କିଛି ଜଣା ନାହିଁ । ତେଣୁ ମୁହମ୍ମଦ ସ.ଅ ସେହି ଜାତିମାନଙ୍କ ଉପରେ ବିଜୟ ପ୍ରାପ୍ତ କରି ନେଇଛନ୍ତି । ତେଣୁ ମାଲିକ୍ ବିନ୍ ଔଫ୍ ନିଜର ସୈନ୍ୟବାହିନୀକୁ କହିଲା, ହେ ମୋ ଜାତିର ଲୋକ ତଥା ସୈନ୍ୟବାହିନୀ ! କାଲି ଯେତେବେଳେ ସକାଳ ହେବ ସେତେବେଳେ ତୁମେମମାନେ ନିଜର ଗୋରୁ ଗାଈ, ଜୀବମାନଙ୍କୁ ଓ ନିଜର ସ୍ତ୍ରୀ ପିଲାଛୁଆଙ୍କ ପଛ ଧାଡ଼ିରେ ଛିଡ଼ା କରିନିଅ । ଏହାପରେ ତୁମେମାନେ ସହସା ଇସ୍‌ଲାମୀୟ ସୈନ୍ୟବାହିନୀ ଉପରେ ଆକ୍ରମଣ କିରଦେବ । ତୁମେମାନେ ନିଜର ଖଡ଼୍‌ଗ ଖୋଲ ଭାଙ୍ଗିଦେବ ଏବଂ ଖୋଲହୀନ 20 ହଜାର ଖଡ଼୍‌ଗ ସହିତ ଲଢ଼। ତୁମେମାନେ ଜଣେ ବୀର ବ୍ୟକ୍ତି ପରି ଆକ୍ରମଣ କର ଓ ତୁମେମାନେ ଜାଣିନିଅ ଯେ, ଯିଏ ପ୍ରଥମେ ଆକ୍ରମଣ କରିବ ସେ ହିଁ ଜୟଯୁକ୍ତ ହେବ । ପୁନଶ୍ଚ ଅବ୍‌ଦୁଲ୍ଲାଃ ବିନ୍ ହଦ୍‌ରଦ୍ ରସୁଲୁଲ୍ଲାଃ ସ.ଅଙ୍କ ପାଖକୁ ଆସିଲେ ଏବଂ ଆପଣ ସ.ଅଙ୍କୁ ସମସ୍ତ ଖବର ସଂପର୍କରେ ସୂଚନା ପ୍ରଦାନ କଲେ । ଫଳତଃ ଆଁହଜରତ ସ.ଅ ବାଧ୍ୟ ହୋଇ ମୁକାବିଲା କରିବା ନିମନ୍ତେ ପ୍ରସ୍ତୁତି ଆରମ୍ଭ କଲେ । **(ଶରହୁଲ୍ ଅଲ୍ଲାମା ଜର୍କାନୀ, ଭାଗ-3, ପୃ-500-501, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ସିରତୁନ୍ ନବୀ ସ.ଅ, ଲେଖକ-ଶିବ୍‌ଲୀ, ଭାଗ-1, ପୃ-355, ଦାରୁଲ୍ ଇଶାତ୍, କରାଚୀ)**

ଆଁହଜରତ୍ ସ.ଅ ବନୁ ହୱାଜିନ୍ ସଂପ୍ରଦାୟ ସହିତ ଯୁଦ୍ଧ କରିବା ନିମନ୍ତେ ମକ୍କାରୁ ବାହାରିବା ପୂର୍ବରୁ ଏକ ସମୀକ୍ଷା କଲେ । ଅର୍ଥାତ୍ ଯେଉଁ ଯୁଦ୍ଧର ଆଶଙ୍କା କରାଯାଉଛି ସେହି ଯୁଦ୍ଧ ଦୃଷ୍ଟିରୁ ଇସ୍‌ଲାମୀୟ ସୈନ୍ୟବାହିନୀ ନିକଟରେ ଯୁଦ୍ଧର ସରଞ୍ଜାମ ଖୁବ୍ କମ୍ ରହିଥିଲା । ଉକ୍ତ ଅଭାବ ପୂରଣ କରିବା ନିମନ୍ତେ ଆଁହଜରତ ସ.ଅ ମକ୍କାର ଧନାଢ୍ୟ ଅଧିପତି ସଫ୍‌ୱାନ୍ ବିନ୍ ଉମୈୟାହ୍ ଯେକି ସେତେବେଳ ପର୍ଯ୍ୟନ୍ତ ଅବିଶ୍ୱାସକାରୀ ହିଁ ଥିଲା ତା' ଠାରୁ କିଛି ପରିମାଣ ଅସ୍ତ୍ର ଧାର ମାଗିଲେ । ତେବେ ସେ ଆପଣ ସ.ଅଙ୍କୁ କହିଲା, ହେ ମୁହମ୍ମଦ୍ ସ.ଅ ! ଆପଣ ମୋର ଧନ ଧାର ନେବାକୁ ଚାହୁଁଛନ୍ତି ନା ହରଣ କରିବାକୁ ଚାହୁଁଛନ୍ତି ? ଆପଣ ସ.ଅ କହିଲେ, ନା ମୁଁ ତ' କେବଳ ଧାର ମାଗୁଛି । ମୁଁ ତୁମର କୌଣସି ଧନ ଲୁଣ୍ଠନ କରିବି ନାହିଁ । ମୁଁ ତୁମକୁ ତୁମର ଜିନିଷ ଫେରସ୍ତ କରିବାର ଗ୍ୟାରେଣ୍ଟି ଦେଉଛି । ପ୍ରତ୍ୟୁତ୍ତରରେ ସେ ଆଁହଜରତ ସ.ଅଙ୍କୁ ଅସ୍ତ୍ରଶସ୍ତ୍ର ଏବଂ ଯୁଦ୍ଧ ସରଞ୍ଜାମ ଦେବା ନିମନ୍ତେ ରାଜି ହୋଇଗଲା । ସେ ଏକ ଶତ ଲୌହ ପୋଷାକ ଦେଲା । ସେହି ଲୌହ ପୋଷାକ ସହିତ ଖୋଦ୍ (ଲୌହ ମୁକୁଟ) ଏବା ଢାଲ ମଧ୍ୟ ରହିଥିଲା । ଅନ୍ୟ କେତେକ ବର୍ଣ୍ଣନାନୁଯାୟୀ ଉକ୍ତ ଅସ୍ତ୍ରକୁ ସ୍ଥାନାନ୍ତରିତ କରିବା ନିମନ୍ତେ ସେ ଓଟ ମଧ୍ୟ ଦେଲା । ଯୁଦ୍ଧ ପରେ ସଫ୍‌ୱାନର ଲୌହ କବଚ ଫେରସ୍ତ କରିବା ନିମନ୍ତେ ଲୌହ କବଚକୁ ଏକତ୍ରିତ କରାଗଲା । ତନ୍ମଧ୍ୟରୁ କେତେକ ଲୌହ ପୋଷାକ କମ୍ ଥିଲା । ଯେହେତୁ ଆଁହଜରତ୍ ସ.ଅ ସଫ୍‌ୱାନକୁ ଲୌହ କବଚ ଫେରସ୍ତ କରିବା ନିମନ୍ତେ ଗ୍ୟାରେଣ୍ଟୀ ଦେଇଥିଲେ, ସେଇଥି ପାଇଁ ନବୀ କରୀମ୍ ସ.ଅ ସଫ୍‌ୱାନ ସହିତ କଥାବାର୍ତ୍ତା କଲେ ଯେ, ହେ ସଫ୍‌ୱାନ୍ ! କିଛି ଲୌହ ପୋଷାକ ବା ଲୌହ କବଚ ବୋଧେ ହଜି ଯାଇଛି, ପତ୍ତା ମିଳୁ ନାହିଁ । ତେଣୁ ତୁମେ ସେହି ଲୌହ କବଚର ମୂଲ୍ୟ ନେଇନିଅ । କିନ୍ତୁ ବର୍ତ୍ତମାନ ସଫ୍‌ୱାନ୍ ଆଉ ସେହି ପୂର୍ବ ସଫ୍‌ୱାନ୍ ନଥିଲା ଯିଏ ପୂର୍ବେ ଆଁହଜରତ ସ.ଅଙ୍କୁ ଲୌହ ପୋଷାକ ପ୍ରଦାନ କରିଥିଲା । ସେହି ସଫ୍‌ୱାନ୍ ହୁନୈନ୍ ଯୁଦ୍ଧରେ ଆଁହଜରତ ସ.ଅଙ୍କ ସହିତ ଥିଲା । ସଫ୍‌ୱାନ୍ ସେତେବେଳେ ମଧ୍ୟ ଅବିଶ୍ୱାସକାରୀ ଥିଲା ଏବଂ ହୁନୈନ୍ ଘଟଣା ପରେ ସେ ଇସଲାମ୍ ଧର୍ମ ସ୍ୱୀକାର କରି ନେଇଥିଲା । ଅର୍ଥାତ୍ ସଫ୍‌ୱାନ୍ ଯୁଦ୍ଧରେ ତ' ସାମିଲ୍ ହୋଇଥିଲା । କିନ୍ତୁ ହୁନୈନ୍ ଯୁଦ୍ଧ ପରେ ଇସଲାମ୍ ଧର୍ମ ସ୍ୱୀକାର କରିନେଲା । ଅତଃ ରସୁଲ୍ କରୀମ୍ ସ.ଅ ସଫ୍‌ୱାନକୁ ଲୌହ ପୋଷାକର ମୂଲ୍ୟ ପୈଠ କରିବା ନିମନ୍ତେ ଯେତେବେଳେ କହିଲେ ସେତେବେଳେ ସଫ୍‌ୱାନ୍ କହିବାକୁ ଲାଗିଲା: لَا يَارَسُوْلَ اللّٰهِ! إِنَّ فِيْ قَلْبِيْ اَلْيَوْمَ مَا لَمْ يَكُنْ يَوْمَئِذٍ । ଅର୍ଥାତ୍ ନୁହେଁ ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆଜି ମୋ ମନର ଯେଉଁ ଅବସ୍ଥା ରହିଛି ସେହି ଅବସ୍ଥା ପୂର୍ବେ ନଥିଲା । ତେଣୁ ହ. ସଫ୍‌ୱାନ୍ ର.ଅ ଅତିରିକ୍ତ ଲୌହ ପୋଷାକ ନେବାକୁ ଅସ୍ୱୀକାର କରିଦେଲେ । ଏହିପରି ଭାବରେ ଆପଣ ସ.ଅ ନିଜର ଚଚାଙ୍କ ପୁତ୍ର ନୌଫଲ୍ ବିନ୍ ହାରିସ ଠାରୁ ମଧ୍ୟ 3 ସହସ୍ର (ହଜାର) ବର୍ଛା ଧାର ନେଇଥିଲେ । ଆପଣ ସ.ଅ କହିଲେ, ହେ ନୌଫଲ୍ ! ମୁଁ ତୋର ଏହି ବର୍ଛାକୁ ଶତ୍ରୁ ପିଠିରେ ଧସୁଥିବାର ଦେଖୁଛି । ଆପଣ ସ.ଅଙ୍କ ଉକ୍ତ ବାଣୀରେ ଏହି ସୂଚନା ରହିଥିଲା ଯେ, ଶତ୍ରୁ ପରାଜିତ ହୋଇ ପଳାୟନ କରିବେ ଓ ବିପୁଳ ଜୀବନ କ୍ଷତି ସହ୍ୟ କରିବ । ସେହିପରି ଆଁହଜରତ ସ.ଅ ଇବ୍‌ନେ ଅବି ରବିୟାହ୍ ଠାରୁ ମଧ୍ୟ କିଛି ଅସ୍ତ୍ରଶସ୍ତ୍ର ଧାର ଆଣିଥିଲେ । ନବୀ କରୀମ୍ ସ.ଅଙ୍କ ସର୍ବୋଚ୍ଚ ଉତ୍ତମ ଚରିତ୍ରବତ୍ତାର ଝଲକ ବିଚାରଯୋଗ୍ୟ ଅଟେ । କାରଣ ଆପଣ ସ.ଅ ମକ୍କା ଜୟ କରିନେଇଥିଲେ। ବର୍ତ୍ତମାନ ଆପଣ ସ.ଅଙ୍କ ଧର୍ମାବଲମ୍ବୀମାନେ ଏକ ବିଜୟୀ ଜାତି ଥିଲେ ଏବଂ ଯୁଦ୍ଧର ନୀତି ନିୟମ ଅନୁଯାୟୀ ବିଜୟୀ ଜାତି ହିଁ ପରାଜିତ ଜାତିର ଧନ ସମ୍ପତ୍ତିର ଅଧିକାରୀ ହୋଇଥାଏ । କିନ୍ତୁ ବର୍ତ୍ତମାନ ଯେତେବେଳେ ଯୁଦ୍ଧ ନିମନ୍ତେ ଅସ୍ତ୍ରଶସ୍ତ୍ରର ଆବଶ୍ୟକତା ପଡ଼ିଲା ସେତେବେଳେ ଗୋଟିଏ ଗୋଟିଏ ଅସ୍ତ୍ର ଧାର ନିଆଗଲା ଏବଂ ଏହି ପ୍ରତିଶ୍ରୁତି ଦେଇ ଅସ୍ତ୍ର ନିଆଗଲା କି ଆମେମାନେ ଯେତିକି ଅସ୍ତ୍ର ତୁମମାନଙ୍କ ଠାରୁ ଧାର ନେଉଛୁ ସେତିକି ଅସ୍ତ୍ର ଆମେମାନେ ତୁମମାନଙ୍କୁ ଫେରସ୍ତ କରିଦେବୁ ।

ଏହିପରି ଭାବରେ ଆଁହଜରତ ସ.ଅ ଅବୁ ଜହଲ୍‌ର ସାବତ ଭାଇ ଅବ୍‌ଦୁଲ୍ଲାଃ ବିନ୍ ଅବି ରବିୟାହ୍ ଠାରୁ 30 କିମ୍ବା 40 ହଜାର ଦିର୍‌ହମ୍ ଋଣ ନେଇଥିଲେ । ବର୍ଣ୍ଣନାରେ ଏହା ମଧ୍ୟ ଉଲ୍ଲେଖ ରହିଛି ଯେ, ଅବ୍‌ଦୁଲ୍ଲାଃ ବିନ୍ ଅବି ରବିୟାହ୍ ମକ୍କା ବିଜୟ ଦିନ ମୁସଲମାନ ହୋଇଯାଇଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏକ ବର୍ଣ୍ଣାନୁଯାୟୀ ଆପଣ ସ.ଅ କୁରୈଶ୍‌ର ତିନିଜଣ ସଦସ୍ୟଙ୍କ ଠାରୁ ଋଣ ନେଇଥିଲେ । ଆପଣ ସ.ଅ ସଫ୍‌ୱାନ୍ ବିନ୍ ଉମୈୟାହ୍ ଠାରୁ 50 ହଜାର ଦିର୍‌ହମ୍, ଅବ୍‌ଦୁଲ୍ଲାଃ ବିନ୍ ଅବି ରହିୟାହ୍ ଠାରୁ 40 ହଜାର ଦିର୍‌ହମ୍ ଓ ହୁୱୈତିବ୍ ବିନ୍ ଅବ୍‌ଦୁଲ୍ ଉଜ୍ଜାଙ୍କ ଠାରୁ 40 ହଜାର ଦିର୍‌ହମ୍ ଋଣ ନେଇଥିଲେ । ଅତଏବ୍ ଏହି ସମସ୍ତ ଋଣକୁ ମିଶାଇଲେ 1 ଲକ୍ଷ 30 ହଜାର ଦିର୍‌ହମ୍ ହେବ । ଅନ୍ୟ କେତେକ ବର୍ଣ୍ଣନାନୁଯାୟୀ ଆଁହଜରତ ସ.ଅ ନଗଦ ଋଣ ମକ୍କା ବିଜୟ ଅବସରରେ ଅଭାବି ସାହାବାମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ନେଇଥିଲେ । ଉକ୍ତ ଅର୍ଥରାଶିକୁ ଆପଣ ସ.ଅ ସେମାନଙ୍କ ମଧ୍ୟରେ ବାଣ୍ଟିଦେଲେ ଏବଂ ପ୍ରତ୍ୟେକ ଜାତିକୁ ବେଶୀରୁ ବେଶୀ 50 ଦିରହମ୍ ଦିଆଯାଇଥିଲା ଏବଂ ଅନ୍ୟ ଏକ ବର୍ଣ୍ଣନାନୁଯାୟୀ ବନୁ ଯଜିମା ସଂପ୍ରଦାୟର ନିହତ ହୋଇଥିବା ଲୋକମାନଙ୍କର ଦିୟତ୍ (କ୍ଷତିପୂରଣ) ଇତ୍ୟାଦି ପୈଠ କରିବା ନିମନ୍ତେ ଉକ୍ତ ଅର୍ଥଋଣ ସ୍ୱରୂପ ନିଆଯାଇଥିଲା । ସମ୍ଭବତଃ ଆପଣ ସ.ଅ ନାନ ଆବଶ୍ୟକତା ନିମନ୍ତେ ଉକ୍ତ ଅର୍ଥରାଶି ଋଣ ସ୍ୱରୂପ ନେଇଥାଇ ପାରନ୍ତି ଓ ଉକ୍ତ ଅର୍ଥରାଶିରେ ଆର୍ଥିକ ସହାୟତା ଏବଂ ଦିୟତ (କ୍ଷତିପୂରଣ) ପରିଶୋଧ କରିବା ଅନ୍ତର୍ଭୁକ୍ତ ହୋଇଥାଇ ପାରେ । ସେ ଯାହା ହେଉ ଏ ବିଷୟରେ ଅଲ୍ଲାଃତାଲା ହିଁ ସର୍ବାଧିକ ଜାଣନ୍ତି । କାରଣ ସେ ହିଁ ସର୍ବଜ୍ଞ ଅଟନ୍ତି । **(ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ସ.ଅ, ଭାଗ-9, ପୃ-236-238, ବଜ୍‌ମେ ଇକ୍‌ବାଲ୍ ଲାହୋର୍) (ଅସ୍ ସିରତୁଲ୍ ହଲ୍‌ବିୟାହ୍, ଭାଗ-3, ପୃ-153, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ସୁନନ୍ ଅବୁ ଦାଉଦ୍, କିତାବୁଲ୍ ବୁୟୁ, ବାବ୍-ଫି ତଜମିନି.......ହଦିସ୍ ନଂ-3563) (ମସ୍‌ନଦ୍ ଇମାମ୍ ବିନ୍ ହମ୍ବଲ୍, ଭାଗ-5, ପୃ-614-615, ଆଲିମୁଲ୍ କୁତୁବ୍, ବୈରୁତ୍) (ଅଲ୍ ଇସ୍ତିଆବ୍, ଭାଗ-3, ପୃ-896-897, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍) (ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-5, ପୃ-258, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍) (ହୁନୈନ୍ ଯୁଦ୍ଧ, ଲେଖକ-ମୁହମ୍ମଦ ବାଶ୍‌ମିଲ୍, ପୃ-43, ନଫିସ୍ ଏକାଡ଼େମୀ, କରାଚୀ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହୁନୈନ୍ ଯୁଦ୍ଧର ଅବଶିଷ୍ଟାଂଶ **ଇନଶାଆଲ୍ଲାଃ** ପରବର୍ତ୍ତୀ ଖୁତ୍‌ବାରା ଆଲୋଚନା କରିବି । ହୁଜୁର ଅନ୍‌ୱର୍ ଅ.ବ କହିଲେ, ନମାଜ୍ ଜୁମା ପରେ ମୁଁ ନମାଜ୍ ଯନାଜାଃ ଗାଏବ୍ ମଧ୍ୟ ପାଠ କରାଇବି । ସେହି ଯନାଜାଃ ମଧ୍ୟରୁ **ପ୍ରଥମ ଯନାଜାଃ** ହେଲା ଖ୍ୱାଜା ମୁଖତାର ଅହମଦ୍ ବଟ୍ ସାହେବଙ୍କର । ଆପଣ ଖ୍ୱାଜା ଅବ୍‌ଦୁର୍ ରହ୍‌ମାନ ସାହେବ ସିୟଲ୍‌କୋଟଙ୍କର ସୁପୁତ୍ର ଥିଲା । ବିଗତ ଦିନରେ 92 ବର୍ଷ ବୟସରେ ତାଙ୍କର ପରଲୋକ ହୋଇଯାଇଛି । إِنَّا لِلّٰهِ وَإِنَّا إِلَيْهِ رَاجِعُوْنَ । ଆପଣ ସିୟାଲକୋଟ୍ ଠାରେ ଜନ୍ମଗ୍ରହଣ କରିଥିଲେ ଓ ଆପଣ ଆଇନ୍ ଶିକ୍ଷା ଲାଭ

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲ୍‌ଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

## ନବୀ ସ.ଅଙ୍କ ବାଣୀ:-

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ୍ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଣିଷର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family, Jamat Ahmadiya Kerang, Darul Fazal (Odisha)

କରିଥିଲେ। ତତ୍ପରେ ଆପଣ ଏୟାର୍ ଫୋର୍ସ (ବାୟୁସେନାରେ ଯୋଗ ଦେଇଥିଲେ) ଚାଲିଗଲେ । ସେଠାରେ ରିସାଲ୍‌ପୁରରୁ ସେ ଏୟାର୍‌ଫୋର୍ସର ଟ୍ରେନିଂ ନେଇଥିଲେ ଓ 1974 ମସିହା ପର୍ଯ୍ୟନ୍ତ ପାକିସ୍ତାନ ବାୟୁସେନାରେ ଜଣେ ଆଇନଜୀବୀ ଅଫିସର ଭାବରେ ଅନନ୍ୟ ସେବା ସମ୍ପାଦନ କରିଥିଲେ । ସେହି ବର୍ଷ ଅନ୍ୟାନ୍ୟ ଅହମଦି ଅଫିସରମାନଙ୍କ ସହିତ ତାଙ୍କୁ ମଧ୍ୟ ଚାକିରୀରୁ ବାହାର କରି ଦିଆଗଲା ।

1974 ମସିହାରେ ଜମାଅତ୍ ଅହମଦିୟା ବିରୁଦ୍ଧରେ ଯେଉଁ ହିଂସା ଏବଂ ଉପଦ୍ରବ ହୋଇଥିଲା । ସେହି ଘଡ଼ିସନ୍ଧି ମୁହୂର୍ତ୍ତରେ ଆପଣ ହ. ଖଲିଫତୁଲ୍ ମସିହ୍ ସାଲିସ୍ ର.ଅଙ୍କ ମାର୍ଗଦର୍ଶନକ୍ରମେ ଜମାଅତ୍ ଅହମଦିୟାର ଆଇନ କମିଶନରେ ସେବା କରିଥିଲେ ଏବଂ ଜମାଅତ୍‌ର ଉଦ୍ୟମ ସଂପର୍କରେ ପଞ୍ଜାବର ପ୍ରଧାନମନ୍ତ୍ରୀ ହନିଫ୍ ରାମେଙ୍କ ସହିତ ସାକ୍ଷାତ୍ ମଧ୍ୟ କରିଥିଲେ । ସ୍ୱର୍ଗତ ମୁଖ୍‌ତାର୍ ଅହମଦ ସାହେବଙ୍କ ହ. ମିର୍ଜା ବଶୀର୍ ଅହମଦ ସାହେବ ଓ ହ. ଚୌଧୁରୀ ଜଫ୍ରୁଲ୍ଲାଃ ଖାନ୍ ସାହେବ ର.ଅଙ୍କ ସହିତ ଘନିଷ୍ଠ ଏବଂ ନିବିଡ଼ ସଂପର୍କ ଥିଲା । ସେହିପରି Essence of Islamର ପ୍ରଥମ ଭାଗର ପ୍ରସ୍ତୁତିରେ ମଧ୍ୟ ଆପଣ ସ୍ୱର୍ଗତ ଚୌଧୁରୀ ଜଫ୍ରୁଲ୍ଲାଃ ସାହେବ ର.ଅଙ୍କୁ ସାହାଯ୍ୟ କରିଥିଲେ । ଅତଏବ୍ ଆପଣ ର.ଅଙ୍କୁ ଏହି ସୌଭାଗ୍ୟ ପ୍ରାପ୍ତ ହୋଇଥିଲା। ମର୍କଜି ସ୍ତରରେ ଆପଣ ଫଜଲେ ଉମର୍ ଫାଉଣ୍ଡେସନ୍‌ରେ ଜଣେ ଡାଇରେକ୍ଟର ଭାବରେ ସେବା କରିଥିଲେ ଓ ଦାରୁଲ୍ କଜା ରବ୍‌ୱାରେ ମଧ୍ୟ ଆପଣ ଜଣେ କାଜି ରୂପେ ଦାୟିତ୍ୱ ନିର୍ବାହ କରିଥିଲେ ।

ହୁଜୁର ଅନ୍‌ୱର ଅ.ବ କହିଲେ, ମୁଁ କଜା କାର୍ଯ୍ୟାଳୟରେ ସ୍ୱର୍ଗତ ମୁଖ୍‌ତାର୍ ଅହମଦ୍ ବଟ୍ ସାହେବଙ୍କ ସହିତ ମଧ୍ୟ କିଛି କାଳ କାମ କରିଛି । ଆପଣ ସ୍ୱଷ୍ଟ ମତ ପ୍ରଦାନକାରୀ ବ୍ୟକ୍ତି ଥିଲେ । ଆପଣ ଅତ୍ୟନ୍ତ ବିନୀତ ବ୍ୟକ୍ତି ଥିଲେ । ଆପଣ ଖିଲାଫତ୍‌କୁ ବହୁତ୍ ଭଲ ପାଉଥିଲେ । ଆପଣଙ୍କର ଖିଲାଫତ୍ ସହିତ ସର୍ବଦା ସଂପର୍କ ରହିଥିଲା । ପରବର୍ତ୍ତୀ ସମୟରେ ତାଙ୍କର ମୋ (ହୁଜୁର ଅନ୍‌ୱର୍ ଅ.ବ) ସହିତ ମଧ୍ୟ ସଂପର୍କ ରହିଥିଲା ।

2002 ମସିହାରେ ଆପଣ କାନାଡ଼ା ସ୍ଥାନାନ୍ତରିତ ହୋଇଯାଇଥିଲେ । ସେଠାରେ ଆଞ୍ଚଳିକ ଅମୀର ରୂପେ ସେବା କରିଥିଲେ । ନମାଜ୍ ଓ ପବିତ୍ର କୁରଆନ୍ କରୀମ୍‌ର ତିଲାୱତ୍ ପ୍ରତି ନିୟମାନୁବର୍ତ୍ତୀ ଥିଲେ । ଆର୍ଥିକ ବଳିଦାନରେ ପ୍ରତିଦ୍ୱନ୍ଦ୍ୱିତ ଭାବରେ ଅଂଶଗ୍ରହଣ କରୁଥିଲେ । ଆପଣ ଜଣେ ନୈଷ୍ଠିକ ଅହମଦି ଥିଲେ । ଆପଣଙ୍କ ଜୀବନ ଖିଲାଫତ୍ ସହିତ ବିଶ୍ୱସ୍ତତା, ବିନୀତତା ଓ ନିଷ୍ଠାର ସର୍ବୋଚ୍ଚ ଉଦାହରଣ ଥିଲା । ଶୋକ ସନ୍ତପ୍ତ ପରିବାରବର୍ଗଙ୍କ ମଧ୍ୟରେ ପତ୍ନୀଙ୍କ ବ୍ୟତୀତ ଗୋଟିଏ କନ୍ୟା ସନ୍ତାନ ଏବଂ ଦୁଇ ଜଣ ପୁତ୍ର ସନ୍ତାନ ଓ ପୌତ୍ର ପୌତ୍ରୀ ଓ ନାତି ନାତୁଣୀମାନେ ମଧ୍ୟ ଅଛନ୍ତି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତ ମୁଖ୍‌ତାର ବଟ୍ ସାହେବଙ୍କ ପତ୍ନୀ ଶ୍ରମତୀ ଅମତୁଲ୍ କୟ୍ୟୁମ ସାହେବା ସ୍ୱର୍ଗତ ଗୁଲାମ୍ ଅଖ୍‌ତର୍ ସାହେବଙ୍କ ସୁପୁତ୍ରୀ ଅଟନ୍ତି । ଗୁଲାମ୍ ଅଖ୍‌ତର୍ ସାହେବ ରେଳବାଇରେ କାମ କରୁଥିଲେ । ଆପଣ ରେଳବାଇରେ ଡାଇରେକ୍ଟର ପଦବୀରେ ଆସୀନ ଥିଲେ । ହ. ଖଲିଫତୁଲ୍ ମସିହି ସାନି ର.ଅଙ୍କ କାଳରେ ଆପଣ ଚାକିରୀରରୁ ଅବସର ନେବା ପରେ କିଛି କାଳ ନାଜିର ଆଲା ମଧ୍ୟ ରହିଥିଲେ । ହ. ଖଲିଫତୁଲ୍ ମସିହା ସାନି ର.ଅଙ୍କ ସାଥିରେ ଷ୍ଟେଜ୍ ଉପରେ ଭାଷଣ ସମୟରେ ସିକ୍ୟୁରିଟି ଡିୟୁଟି ମଧ୍ୟ ଆପଣ ଦେଇଥିଲେ । ସେ ଯାହା ହେଉ ଆପଣଙ୍କ ବଂଶ ଜଣେ ସେବାକାରୀ ବଂଶ ଥିଲା । ସ୍ୱର୍ଗତ ଖ୍ୱାଜା ମୁଖ୍‌ତାର ଅହମଦ ସାହେବ ବଟ୍ ଡାକ୍ତର ଜାହିଦ୍ ଖାନ୍ ସାହେବ ଯେକି ୟୁ.କେର କଜା ବୋର୍ଡ଼ର ସଭାପତି ଥିଲେ ତାଙ୍କର ଆପଣ ଶ୍ୱଶୁର ଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଖ୍ୱାଜା ସାହେବଙ୍କ ସୁପୁତ୍ରୀ ଆଏଶା ସାହେବା ଉଲ୍ଲେଖ କରନ୍ତି ଯେ, ମୁଁ ସର୍ବଦା ପିତାଶ୍ରୀଙ୍କୁ ଖିଲାଫତ୍‌ର ଆଜ୍ଞାନୁବର୍ତ୍ତୀ ଓ ଆଜ୍ଞାକାରୀ ବ୍ୟକ୍ତି ରୂପେ ଦେଖିଥିଲି । ପିତାଶ୍ରୀ ଆମ ଦୁଇ ଭାଇ ଓ ଗୋଟିଏ କନ୍ୟା (ମୁଁ) ଅର୍ଥାତ୍ ତିନି ଜଣଙ୍କର ସଂସ୍କାର ଏହିପରି କରିଥିଲେ । ପିତାଶ୍ରୀ ଆମମାନଙ୍କୁ କହୁଥିଲେ ଯେ, ଜମାଅତ୍, ଖିଲାଫତ୍‌ର ଆଜ୍ଞାପାଳନ କରିବା ବ୍ୟତୀତ ତୁମମାନଙ୍କର ଅନ୍ୟ କୌଣସି ଉଦ୍ଦେଶ୍ୟ ହେବା ଅନୁଚିତ୍ । 1974 ମସିହାରେ ପିତାଶ୍ରୀଙ୍କ ହଠାତ୍ ବାୟୁସେନାରେ ଚାକିରୀ ସମାପ୍ତ ହେବା ପରେ ଆପଣ ଘରୋଇ ଓକିଲ ଭାବରେ ପ୍ରାକ୍ଟିସ୍ କରିଥିଲେ। ସେଥିରେ ବିଶେଷ କିଛି ସଫଳତା ନମିଳିବା ପରେ ମଧ୍ୟ ଆପଣ କେବେ ବି ଧୈର୍ଯ୍ୟହରା ଏବଂ ଅଲ୍ଲାଃତାଲାଙ୍କ ଉପରେ ଥିବା ବିଶ୍ୱାସକୁ ପରିତ୍ୟାଗ କରି ନଥିଲେ । ଆପଣ ଏତେ କଷ୍ଟ ସମୟରେ ମଧ୍ୟ କାହା ଆଗରେ ହାତ ପାତି ନଥିଲେ ଓ ନିଜର ସମସ୍ତ ଆବଶ୍ୟକତା ଅଲ୍ଲାଃତାଲାଙ୍କ ସମ୍ମୁଖରେ ହିଁ ଉପସ୍ଥାପିତ କରୁଥିଲେ । ମୁଁ ଯେବେଠାରୁ ବଡ଼ ହୋଇଛି ସେବା ଠାରୁ ମୁଁ ପିତାଶ୍ରୀଙ୍କୁ ଉପାସନା କରୁଥିବାର ହିଁ ଦେଖିଛି । ମୁଁ ପିତାଶ୍ରୀଙ୍କୁ ପୁଣ୍ୟ କାର୍ଯ୍ୟରେ ଅଂଶ ଗ୍ରହଣ କରୁଥିବାରେ ଦେଖିଛି । ପିତାଶ୍ରୀ ସର୍ବଦା ମାସର ଆରମ୍ଭରେ ହିଁ ନିଜର ଚାନ୍ଦା ଦେଇ ଦେଉଥିଲେ । ଯଦି ପିତାଶ୍ରୀଙ୍କ ପାଖରେ ପଇସା ହେଉଥିଲା ତେବେ ପିତଶ୍ରୀ ଅଗ୍ରୀମ ଚାନ୍ଦା ମଧ୍ୟ ପୈଠ କରି ଦେଉଥିଲେ । ପିତାଶ୍ରୀ ସଂପର୍କ ନିର୍ବାହ କରିବାରେ ସର୍ବାଗ୍ରେ ଥିଲେ । ପିତାଶ୍ରୀଙ୍କର ଖିଲାଫତ୍ ସହିତ ବିଶ୍ୱସ୍ତତାର ସଂପର୍କ ଥିଲା । ଯେପରିକି ମୁଁ କହିଲି, ଖିଲାଫତ୍ ସହିତ ପିତାଶ୍ରୀଙ୍କ ଅସାଧାରଣ ସଂପର୍କ ରହିଥିଲା । ଜମାଅତ୍‌ର ବ୍ୟବସ୍ଥା ପ୍ରତି ଆପଣ ନିୟମାନୁବର୍ତ୍ତୀ ସତ୍ୟନିଷ୍ଠ ଥିଲେ । କେବଳ ସେତିକି ନୁହେଁ ବରଂ ଅନ୍ୟ ସମସ୍ତ ଭାଇମାନେ ମଧ୍ୟ ଜମାଅତ୍‌ର ଓ ଖିଲାଫତର ନିୟମାନୁବର୍ତ୍ତୀ ଓ ଖିଲାଫତ୍ ପ୍ରତି ନିଷ୍ଠା ଓ ଆନ୍ତରୀକତା ପୋଷଣ ତଥା ପ୍ରଦର୍ଶନକାରୀ ବ୍ୟକ୍ତି ଅଟନ୍ତି । କାରଣ ପିତାଶ୍ରୀଙ୍କ ବାପା ଅର୍ଥାତ୍ ଜେଜେ (ଦଦା) ପିତାଶ୍ରୀ ଓ ଅନ୍ୟ ସନ୍ତାନମାନଙ୍କର ଏହିପରି ସଂସ୍କାର କରିଥିଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଏହି ସଂପୂର୍ଣ୍ଣ ବଂଶ ଅଲ୍ଲାଃତାଲାଙ୍କ କୃପାରୁ ଅତ୍ୟନ୍ତ ବିଶ୍ୱସ୍ତ ସଂପର୍କ ରକ୍ଷାକାରୀ ବଂଶ ଅଟେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେପରିକି ମୁଁ ବର୍ତ୍ତମାନ କହିଲି ଯେ, ସ୍ୱର୍ଗତ ଅଖ୍‌ତର୍ ସାହେବଙ୍କ ସୁପୁତ୍ରୀ ମଧ୍ୟ ଜଣେ ସେବିକା ଅଟନ୍ତି । ତେଣୁ ଏମାନଙ୍କର ବଂଶ ଜମାଅତ୍‌ର ସେବକ ବଂଶ ରୂପେ ବିବେଚିତ । ସେ ଯାହା ହେଉ ଏହି ସ୍ୱାମୀ ଏବଂ ସ୍ତ୍ରୀଙ୍କ ଉତ୍ତମ ସଂସ୍କାର ହେତୁ ସନ୍ତାନମାନେ ମଧ୍ୟ ଜମାଅତ୍ ସହିତ ନିଷ୍ଠାପୂର୍ଣ୍ଣ ସଂପର୍କ ରକ୍ଷାକାରୀ ସନ୍ତାନ ଅଟନ୍ତି ଓ ନିଃସ୍ୱାର୍ଥପର ସେବକ ଅଟନ୍ତି । ଅଲ୍ଲାଃତାଲା ଏମାନଙ୍କୁ ଅର୍ଥାତ୍ ସନ୍ତାନମାନଙ୍କୁ ସ୍ୱର୍ଗତଙ୍କର ପୁଣ୍ୟାବଳୀକୁ ଅବ୍ୟାହତ ରଖିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ସ୍ୱର୍ଗତଙ୍କ ସ୍ତରକୁ ଉନ୍ନୀତ କରନ୍ତୁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, **ଦ୍ୱିତୀୟ ଯନାଜାଃ** ହେଉଛି ଶ୍ରୀମତୀ ସ୍ୱର୍ଗତା ସଇଦା ବେଗମ୍ ସାହେବାଙ୍କର । ଆପଣ ନଜୀର୍ ଅହମଦ୍ ସାହେବଙ୍କର ପତ୍ନି ଥିଲେ । ସ୍ୱର୍ଗତା ସଇଦା ବେଗମ୍ ସାହେବା ଭାରତର ନାଗରିକ ଅଟନ୍ତି । ବିଗତ ଦିନରେ 75 ବର୍ଷ ବୟସରେ ସ୍ୱର୍ଗତାଙ୍କର ବିୟୋଗ ହୋଇଯାଇଛି । إِنَّا لِلّٰهِ وَإِنَّا إِلَيْهِ رَاجِعُوْنَ । ଅଲ୍ଲାଃତାଲାଙ୍କ କୃପାରୁ ସ୍ୱର୍ଗତା ଓସିୟତ୍ କରିଥିଲେ । ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ମଧ୍ୟରେ ସ୍ୱାମୀଙ୍କ ବ୍ୟତୀତ ତିନି ଜଣ କନ୍ୟା ସନ୍ତାନ ଏବଂ 4 ଜଣ ପୁତ୍ର ସନ୍ତାନ ଅନ୍ତର୍ଭୁକ୍ତ ଅଟନ୍ତି । ସ୍ୱର୍ଗତ ତାହିର୍ ଅହମଦ୍ ତାରିକ୍ ସାହେବ ନାଜିର୍ ଇସ୍‌ଲାହ୍ ଓ ଇର୍ଶାଦ୍ କାଦିୟାନ୍‌ଙ୍କ ମାତାଶ୍ରୀ ଥିଲେ । ଶ୍ରୀଯୁକ୍ତ ତାହିର୍ ଅହମଦ ସାହେବ ଜମାଅତ୍‌ର ପ୍ରତିନିଧି ହିସାବରେ ଇଂଲଣ୍ଡ ଆସିଥିଲେ । ହେଲେ ପଛରେ ଦେଖିଲା ବେଳକୁ ଓ ମାତାଶ୍ରୀଙ୍କୁ ପଛରେ ଛାଡ଼ି ଆସିଲା ବେଳକୁ ତାଙ୍କ ମାତାଙ୍କର ବିୟୋଗ ହୋଇଯାଇଛି । ତେଣୁ ଶ୍ରୀଯୁକ୍ତ ତାହିର୍ ସାହେବ ନିଜ ମାତାଶ୍ରୀଙ୍କ ଯନାଜାଃରେ ସାମିଲ୍ ହୋଇପାରିଲେ ନାହିଁ । ସ୍ୱର୍ଗତାଙ୍କ ବଂଶ ମଧ୍ୟ ଜମାଅତ୍‌ର ସେବା କଲାବାଲା ବଂଶ ଅଟେ । ତାହିର୍ ସାହେବଙ୍କର ସାନ ଭାଇ ଶବ୍‌ବିର୍ ଅହମଦ୍ ମଧ୍ୟ ଜମାଅତ୍‌ର ମୁଅଲ୍ଲିମ୍ ଅଟନ୍ତି । ସେହିପରି ସ୍ୱର୍ଗତାଙ୍କ କନ୍ୟା ମଧ୍ୟ ମୁବଲ୍ଲିଗ୍ ସିଲସିଲା ଜବ୍‌ବାର୍ ଅହମଦଙ୍କ ପତ୍ନି ଅଟନ୍ତି । ସ୍ୱର୍ଗତାଙ୍କ ଅନ୍ୟ ଦୁଇ ପୁତ୍ର ମଧ୍ୟ ଜମାଅତ୍‌ର ସେବା କରୁଛନ୍ତି । ସ୍ୱର୍ଗତାଙ୍କର ବଂଶ ବେଶ୍ ସେବାକଲା ବଂଶ ଅଟେ । ଅଲ୍ଲାଃତାଲା ସ୍ୱର୍ଗତାଙ୍କ ପ୍ରତି ସଦୟ ହୁଅନ୍ତୁ । ବୈକୁଣ୍ଠରେ ସ୍ୱର୍ଗତାଙ୍କ ସ୍ତରକୁ ଉନ୍ନୀତ କରନ୍ତୁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ତାହିର୍ ଅହମଦ ତାରିକ୍ ସାହେବ ଉଲ୍ଲେଖ କରନ୍ତି ଯେ, ବିଗତ 25 ବର୍ଷ ଧରି ସ୍ୱର୍ଗତାଙ୍କୁ ଶ୍ୱାସରୋଗଜନିତ ସମସ୍ୟା ଥିଲା । ଶ୍ୱାସ ରୋଗରେ ସ୍ୱର୍ଗତା ଆକ୍ରାନ୍ତ ଥିଲେ । ଉକ୍ତ ଅବଧିକୁ ଆପଣ ଅତ୍ୟନ୍ତ ଧୈର୍ଯ୍ୟପୂର୍ଣ୍ଣ ଭାବରେ ଅତିବାହିତ କରିଥିଲେ । କେବେ ବି କୌଣସି ଅଭିଯୋଗ କରି ନଥିଲେ । ସ୍ୱର୍ଗତାଙ୍କ ସଂପର୍କ ଚାର୍କୋଟ୍ ରାଜୌରୀ ଓ ଜାମ୍ମୁ କାଶ୍ମୀର ସହିତ ଥିଲା । ସ୍ୱର୍ଗତାଙ୍କ ବଂଶରେ ଅହମଦିୟତ୍ ହ. କାଜି ମୁହମ୍ମଦ ଅକ୍‌ବର ଭଟ୍ଟି ସାହେବ, ଯେକି ହ. ମସିହ୍ ମଉଦ୍ ଅ.ସଙ୍କ ସାହାବି ଥିଲେ ତାଙ୍କ ମାଧ୍ୟମରେ ପ୍ରବିଷ୍ଟ ହୋଇଥିଲା । ତତ୍ପରେ ତାଙ୍କ ବଂଶରେ ଅହମଦିୟତ୍ ବିସ୍ତାର ଲାଭ ହୋଇଥିଲା । ତାହିରେ ସାହେବ କୁହନ୍ତି: "ମାତାଶ୍ରୀ ଜଣେ ଧର୍ମପରାୟଣ ଓ ଧାର୍ମିକ ମହିଳାଟିଏ ଥିଲେ । ମାତାଶ୍ରୀ ରୋଜା, ନମାଜ ଇତ୍ୟାଦିର ନିୟମାନୁବର୍ତ୍ତୀ ଥିଲେ । ମାତାଶ୍ରୀଙ୍କ ସାଧାରଣ ଶିକ୍ଷା ପ୍ରାପ୍ତ କରିଥିଲେ । ଉଚ୍ଚ ଶିକ୍ଷିତ ନଥିଲେ । କିନ୍ତୁ ବାଲ୍ୟକାଳରେ ଆମମାନଙ୍କୁ ସନ୍ଧ୍ୟା ସମୟରେ ପବିତ୍ର କୁରଆନ୍ କରୀମ୍‌ର ଦୁଆ, ହ. ମସିହ୍ ମଉଦ୍ ଅ.ସଙ୍କ ନଜମ୍ ଶିଖାଉଥିଲେ । ସେହିପରି ମାତାଶ୍ରୀ ଆହଦିସ୍ ଓ ଅବତାରମାନଙ୍କର ଘଟଣାବଳୀ ଆମମାନଙ୍କୁ ସନ୍ଧ୍ୟା ସମୟରେ ଶୁଣାଉଥିଲେ । ମାତାଶ୍ରୀଙ୍କ ସ୍ୱଭାବରେ ଶିଷ୍ଟତା, ଶାଳୀନତା ଓ ପବିତ୍ରତାର ପ୍ରାବଲ୍ୟତା ଦେଖିବାକୁ ମିଳୁଥିଲା । ମାତାଶ୍ରୀ ମେଳାପୀ ଏବଂ ନିଜର ସମସ୍ତ ପରିଜନ ତଥା ଆତ୍ମୀୟ ସ୍ୱଜନମାନଙ୍କ ପ୍ରତି ପ୍ରେମ ଓ ଆନ୍ତରୀକତା **(ଅବଶିଷ୍ଟାଂଶ....ପୃ-12ରେ)**

### ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ଠାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family,
Jamat Ahmadiya Kardapalli (Odisha)

(ଖୁତ୍‌ବା ଜୁମା)

ବର୍ତ୍ତମାନ ଯେତେବେଳେ ଏକେଶ୍ୱରବାଦଙ୍କ ସମ୍ମାନର ପ୍ରଶ୍ନ ସୃଷ୍ଟି ହେଲା ଏବଂ ସିର୍କ (ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷ କରିବା)ର ଶ୍ଳୋଗାନ୍ ଯୁଦ୍ଧଭୂମିରେ ଦିଆଗଲା ସେତେବେଳେ ଆପଣ ସ.ଅଙ୍କ ଅତ୍ମା ବ୍ୟାକୁଳିତ ହୋଇ ଉଠିଲା । ଆପଣ ସ.ଅ ଅତ୍ୟନ୍ତ ଉତ୍ସାହିତ ହୋଇ ସାହାବମାନଙ୍କ ଆଡ଼କୁ ଦେଖି କହିଲେ, ହେ ସାହାବାମାନେ ! ତୁମେମାନେ ଉତ୍ତର ଦେଉ ନା କାହିଁକି ? ସାହାବାମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ କି ଉତ୍ତର ଦେବୁ ଓ କ'ଣ କହିବୁ ? ଆପଣ ସ.ଅ କହିଲେ, ହେ ସାହାବାମାନେ ! ତୁମେମାନେ ଏହା କୁହ ଯେ, । اَللّٰہُ اَعْلٰی وَ اَجَلُّ۔ اَللّٰہُ اَعْلٰی وَاَجَلُّ۔ ।

— — — — — — — — — — — — — — — — — — —

ହେ ଅବିଶ୍ୱାସକାରୀମାନେ ! ତୁମେମାନେ ମିଛ କହୁଛ ଯେ, ହୁବୁଲ୍ ଦେବତାର ମର୍ଯ୍ୟାଦା ବୃଦ୍ଧି ପାଇଛି । ଏହା ଅସତ୍ୟ ଅଟେ । ଅଲ୍ଲାଃତାଲା ଯେକି ଏକ ଓ ଅଦ୍ୱିତୀୟ ଅଟନ୍ତି ସେ ହିଁ ମର୍ଯ୍ୟାଦାଶୀଳ ଅଟନ୍ତି । ତାହାଙ୍କର ମର୍ଯ୍ୟାଦା, ମହିମା ହିଁ ସର୍ବୋଚ୍ଚ ଅଟେ ।

— — — — — — — — — — — — — — — — — — —

ରସୁଲ୍ କରୀମ୍ ସ.ଅକହିଲେ, ଅଲୀ ମୋ ଠାରୁ ଅଟନ୍ତି ଏବଂ ମୁଁ ଅଲୀଙ୍କ ଠାରୁ ଅଟେ । ପ୍ରତ୍ୟୁତ୍ତରରେ ହ. ଜିବ୍ରାଇଲ୍ ଅ.ସ କହିଲେ, ହେ ମୁହମ୍ମଦ୍ ସ.ଅ ! ମୁଁ ଆପଣ ଦୁହିଁଙ୍କ ମଧ୍ୟରୁ ଅନ୍ୟତମ ଅଟେ ।

— — — — — — — — — — — — — — — — — — —

ଯେତେବେଳେ ନବୀ କରୀମ୍ ସ.ଅ ମୁଣ୍ଡ ଉପରକୁ ଉଠାଇ ଲୋକମାନଙ୍କୁ ଚାହୁଁଥିଲେ ସେତେବେଳେ ହ. ଅବୁ ତଲ୍‌ହା ର.ଅ କହୁଥିଲେ ଯେ, بِأَبِيْ أَنْتَ وَأُمِّيْ يَا رَسُوْلَ اللهِ لَا يُصِيْبُكَ سَهْمٌ، نَحْرِيْ دُوْنَ نَحْرِكَ ଅର୍ଥାତ୍ ହେ ଅଲ୍ଲାଙ୍କ ବାର୍ତ୍ତାବହ ! ମୋର ମାତା ପିତା ଆପଣ ସ.ଅଙ୍କ ଉପରେ ଉତ୍ସର୍ଗ ହୋଇଯାଆନ୍ତୁ । ଆପଣ ମୁଣ୍ଡ ଉପରକୁ କରି ଦେଖନ୍ତୁ ନାହିଁ । କାରଣ ସେହି ଲୋକମାନଙ୍କର ତୀର ମଧ୍ୟରୁ କୌଣସି ତୀର ଆସି ଆପଣ ସ.ଅଙ୍କୁ ବାଜିଯିବ, ମୁଁ ଏଥିପାଇ ଚିନ୍ତିତ ଅଟେ । ତେଣୁ ମୋର ଛାତି ଆପଣ ସ.ଅଙ୍କ ଛାତି ସମ୍ମୁଖରେ ରହିଛି ।

— — — — — — — — — — — — — — — — — — —

ହ. ତଲହା ର.ଅ କହିଲେ, اَلْحَمْدُ لِلّٰهِ كُلُّ مُصِيْبَةٍ بَعْدَهٗ جَلَلٌ ଅର୍ଥାତ ସକଳ ପ୍ରଶଂସା ଅଲ୍ଲାଃତାଲାଙ୍କ ନିମନ୍ତେ ଉଦ୍ଦିଷ୍ଟ । ଆପଣ ସ.ଅଙ୍କ ପରେ ପ୍ରତ୍ୟେକ ବିପଦ ଛୋଟ ଅଟେ ।

— — — — — — — — — — — — — — — — — — —

ଓହୋଦ୍ ଯୁଦ୍ଧ ପରେ କେହି ହ. ତଲହା ର.ଅଙ୍କୁ ପଚାରିଲା ଯେ, ହେ ତଲହା ! ତୁମ ହାତରେ ଯେତେବେଳେ ଶତ୍ରୁର ତୀର ଆସି ବାଜୁଥିଲା ସେତେବେଳେ ଆପଣଙ୍କୁ କଷ୍ଟ ହେଉ ନଥିଲା ଏବଂ ଆପଣ ସ.ଅଙ୍କ ତୁଣ୍ଡରୁ ଉହ୍ ଆହ୍ ଶବ୍ଦ ବାହାରୁ ନଥିଲା ? ହ. ତଲହା ର.ଅ ଉତ୍ତର ଦେଲେ, ବସ୍ ! କଷ୍ଟ ତ' ଅନୁଭୂତ ହେଉଥିଲା ଏବଂ ଉହ୍ ଆହ୍ ଶବ୍ଦ ମଧ୍ୟ ପାଟିରୁ ବାହାରିବାକୁ ଚାହୁଁଥିଲା । କିନ୍ତୁ ମୁଁ ଯଦି ଉହ୍ ଆହ୍ କରି ଥାଆନ୍ତି ତେବେ ମୋ ହାତ ଆପଣ ସ.ଅଙ୍କ ମୁଖମଣ୍ଡଳରୁ ହଟି ଯାଇଥାଆନ୍ତା ଓ ଆପଣ ସ.ଅଙ୍କ ମୁଖମଣ୍ଡଳରେ ଆସି ତୀର ବାଜି ଥାଆନ୍ତା ।

— — — — — — — — — — — — — — — — — — —

ହ. ସାଆଦ୍ ର.ଅ କୁହନ୍ତି: "ମୁଁ ଯେଉଁ ତୀର ଚଳାଉଥିଲି ରସୁଲୁଲ୍ଲାଃ ସ.ଅ ସେହି ତୀର ସହିତ ଏହା କହୁଥିଲେ ଯେ, ହେ ଅଲ୍ଲାଃ ! ସଆଦଙ୍କ ଲକ୍ଷ୍ୟକୁ ସଠିକ୍ କରିଦିଅ । ସାଆଦଙ୍କ ଦୁଆକୁ ସ୍ୱୀକାର କରିନିଅ । ହ. ସାଆଦ୍ ର.ଅ କୁହନ୍ତି: "ଏପର୍ଯ୍ୟନ୍ତକି ମୁଁ ନିଜର ତୁଣୀର (ତୀର ରଖିବା ଆଧାର ବା ଖୋଳ) ତୀର ଚଳାଇ ଶେଷ କରିଦେଲି ସେତେବେଳେ ରସୁଲୁଲ୍ଲାଃ ସ.ଅ ନିଜର ତୁଣୀରୁ ତୀର ବିଛାଇ ଦେଲେ ।"

— — — — — — — — — — — — — — — — — — —

ଓହୋଦ୍ ଯୁଦ୍ଧରେ ହ. ଅବୁ ଦୁଜାନା ରସୁଲୁଲ୍ଲାଃ ସ.ଅଙ୍କ ସୁରକ୍ଷା ଦାୟିତ୍ୱରେ ଆପଣ ସ.ଅଙ୍କ ନିମନ୍ତେ ଢାଲ ପରି ଛିଡ଼ା ହୋଇ ରହିଥିଲେ । ସୁତରାଂ ସେ ଆଁହଜରତ୍ ସ.ଅଙ୍କ ସମ୍ମୁଖରେ ଆପଣ ସ.ଅଙ୍କ୍ ଆଡ଼କୁ ମୁହଁ କରି ଛିଡ଼ା ହୋଇଗଲେ, ଶତ୍ରୁ ଆପଣ ସ.ଅଙ୍କ ଆଡ଼କୁ ଯେଉଁ ତୀର ଚଳାଉଥିଲା ତାହା ହ. ଅବୁ ଦୁଜାନାଙ୍କ ଅଣ୍ଟାରେ ଆସି ବାଜୁଥିଲା । ଆପଣ ର.ଅ ଆନତ ହୋଇ ଛିଡ଼ାହୋଇ ରହିଥିଲେ ଏବଂ ସମସ୍ତ ତୀରର କଷ୍ଟ ନିଜ ଅଣ୍ଟା ଉପରେ ସହ୍ୟ କରୁଥିଲେ । ଏପର୍ଯ୍ୟନ୍ତକି ତାଙ୍କର ଅଣ୍ଟାରେ ଅସଂଖ୍ୟ ତୀର ଆସି ଖୋବି ହୋଇ ଲାଖିଗଲା ।

— — — — — — — — — — — — — — — — — — —

ଓହୋଦ ଯୁଦ୍ଧରେ ସାହାବାମାନଙ୍କ ଅଦମ୍ୟ ତଥା ପ୍ରାଣୋତ୍ସର୍ଗୀମୂଳକ ବଳିଦାନର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।

— — — — — — — — — — — — — — — — — — —

ହୁଜୁର ଅନ୍‌ୱର୍ ଅ.ବଙ୍କ ପାଲେଷ୍ଟାଇନ୍‌ର ସାମୂହିକ ପରିସ୍ଥିତ ଏବଂ ସେହିପରି ୟମନ୍ ଓ ପାକିସ୍ତାନ୍‌ରେ ବାସ କରୁଥିବା ଅହମଦିମାନଙ୍କ ନିମନ୍ତେ ଜମାଅତ୍ ଅହମଦିୟାର ସଦସ୍ୟ ବୃନ୍ଦଙ୍କୁ ଦୁଆ ପାଇଁ ଆହ୍ୱାନ ।

— — — — — — — — — — — — — — — — — — —

**2 February 2024 ମସିହା ଅନୁଯାୟୀ ୨ ଫେବୃୟାରୀ ୨୦୨୪ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ୍, ୟୁ.କେ।**

ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି।

أَشْهَدُ أَنْ لَّا إِلٰهَ اِلَّا اللهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ و رَسُوْلُهٗ۔ أَمَّا بَعْدُ فَأَعُوْذُ بِاللهِ مِنَ الشَّيْطٰنِ الرَّجِيْمِ۔ بِسْمِ اللهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰہِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔صِرَاطَ الَّذِيْنَ اَنْعَمْتَ عَلَيْهِمْ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ, ଓହୋଦ୍ ଯୁଦ୍ଧର ଘଟଣାବଳୀରେ, ସାହାବାମାନଙ୍କର ବଳିଦାନ ଏବଂ ଆଁହଜରତ ସ.ଅଙ୍କ ପ୍ରତି ଥିବା ସାହାବାମାନଙ୍କର ପ୍ରେମ ଓ ଆନ୍ତରୀକତା ଉଦାହରଣ ମୁଁ ଦେଇଥିଲି । ତନ୍ମଧ୍ୟରେ ହ. ଅଲୀ ର.ଅଙ୍କ ସାହସିକତାର ଘଟଣାବଳୀର ଚର୍ଚ୍ଚା ମଧ୍ୟ ମିଳେ । ସୁତରାଂ ହ. ଅଲୀ ର.ଅଙ୍କ ସଂକ୍ରାନ୍ତରେ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଓହୋଦ୍ ଯୁଦ୍ଧ ଅବସରରେ ଯେତେବେଳେ ଅବଦୁଲ୍ଲାଃଲ ବିନ୍ କମ୍‌ଆ ହ. ମସଅବ୍ ବିନ୍ ଉମୈରଙ୍କୁ ଶହୀଦ୍ କଲା ସେତେବେଳେ ସେ ଏହା ଭାବିଲା ଯେ, ସେ ରସୁଲୁଲ୍ଲାଃ ସ.ଅଙ୍କୁ ଶହୀଦ୍ କରିଦେଇଛି। ସୁତରାଂ ସେ କୁରେଶ୍ ଆଡ଼କୁ ଫେରିଲା ଏବଂ କହିବାକୁ ଲାଗିଲା ଯେ, ହେ କୁରେଶ୍ ! ମୁଁ ମୁହମ୍ମଦ୍ ସ.ଅଙ୍କୁ ହତ୍ୟା କରିଦେଇଛି । ଯେତେବେଳେ ହ. ମସଅବ୍ ବିନ୍ ଉମୈର୍ ର.ଅ ଶହୀଦ୍ ହେଲେ ସେତେବେଳେ ରସୁଲୁଲ୍ଲାଃ ସ.ଅ ଧ୍ୱଜା ହ. ଅଲୀ ର.ଅଙ୍କୁ ହସ୍ତାନ୍ତର କଲେ । **(ସିରତ୍ ଇବ୍‌ନେ ହିଶ୍ଶାମ୍- ପୃ-529, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍, 2001 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ଅଲୀ ର.ଅ ଗୋଟିଏ ପରେ ଗୋଟିଏ ଧ୍ୱଜା ବାହକମାନଙ୍କର ସ୍କନ୍ଧଚ୍ୟୁତ କରିଦେଲେ । ରସୁଲ୍ କରୀମ୍ ସ.ଅ ଅବିଶ୍ୱାସକାରୀଙ୍କ ଏକ ଦଳକୁ ଦେଖି ହ. ଅଲୀ ର.ଅ ସେମାନଙ୍କ ଉପରେ ଆକ୍ରମଣ କରିବା ନିମନ୍ତେ ଆଦେଶ ଦେଲେ । ହ. ଅଲୀ ର.ଅ ଅମ୍ର ବିନ୍ ଅବଦୁଲ୍ଲାଃ ଜମ୍‌ହିକୁ ବଧ କରିଦେଲେ

ଓ ସେମାନଙ୍କୁ ବିକ୍ଷିପ୍ତ କରିଦେଲ । ପୁନଶ୍ଚ ଆପଣ ସ.ଅ ଅବିଶ୍ୱାସକାରୀଙ୍କ ଅନ୍ୟ ସୈନ୍ୟବାହିନୀ ଉପରେ ଆକ୍ରମଣ କରିବା ନିମନ୍ତେ ଆଦେଶ ଦେଲେ । ହ. ଅଲୀ ର.ଅ ଶୈବା ବିନ୍ ମାଲିକ୍‌ର ସଂହାର ଯେତେବେଳେ କଲେ ସେତେବେଳେ ହ. ଜିବ୍ରାଇଲ୍ ଅ.ସ କହିଲେ: "ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ନିଃସନ୍ଦେହ ହ. ଅଲୀ ର.ଅଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ କରାଯିବା ଉଚିତ୍ । ପ୍ରତ୍ୟୁତ୍ତରରେ ରସୁଲ୍ କରୀମ୍ ସ.ଅ କହିଲେ, ହଁ ହ. ଅଲୀ ର.ଅ ମୋ ଠାରୁ ଅଟନ୍ତି ଓ ମୁଁ ହ. ଅଲୀ ର.ଅଙ୍କ ଠାରୁ ଅଟେ । ପ୍ରତ୍ୟୁତ୍ତରରେ ହ. ଜିବ୍ରାଇଲ୍ ଅ.ସ କହିଲେ, ହେ ମୁହମ୍ମଦ୍ ସ.ଅ ! ମୁଁ ଆପଣ ଦୁହିଁଙ୍କ ମଧ୍ୟରୁ ଅନ୍ୟତମ ଅଟେ । " **(ତାରିଖୁତ୍ ତବ୍ରୀ, ଭାଗ-2, ପୃ-65, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍, 2001 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ କଥାକୁ ଶିହା ସଂପ୍ରଦାୟର ଲୋକମାନେ ଅତିଶୟୋକ୍ତି ପ୍ରୟୋଗ କରି ଉପସ୍ଥାପିତ କରିଥାଆନ୍ତି । ହ. ଅଲୀ ର.ଅ ବର୍ଣ୍ଣନା କରନ୍ତି ଯେ, ୱହୋଦ୍ ଯୁଦ୍ଧରେ ଯେତେବେଳେ ରସୁଲ୍ କରୀମ୍ ସ.ଅଙ୍କ ପାଖରୁ ଲୋକମାନେ ହଟିଗଲେ ସେତେବେଳେ ମୁଁ ଶହୀଦ୍ ହୋଇଥିବା ମୁସଲମାନମାନଙ୍କର ଶବ ମଧ୍ୟରେ ଆଁହଜରତ ସ.ଅଙ୍କୁ ଦେଖିବା ଓ ଖୋଜିବା ଆରମ୍ଭ କରିଦେଲି । ସେହି ଶବମାନଙ୍କ ମଧ୍ୟରେ ମୁଁ ରସୁଲୁଲ୍ଲାଃ ସ.ଅଙ୍କୁ ପାଇଲି ନାହିଁ । ଅତଏବ୍ ମୁଁ ସେତେବେଳେ କହିଲି, ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ! ରସୁଲୁଲ୍ଲାଃ ସ.ଅ ଯୁଦ୍ଧରୁ ପଳାୟନକାରୀ ବ୍ୟକ୍ତି ନଥିଲେ । ସେହିପରି ମୁଁ ଆପଣ ସ.ଅଙ୍କୁ ଶୋହଦା (ଶହୀଦ୍ ହୋଇଥିବା ମୁସଲମାନମାନଙ୍କ)ଙ୍କ ମଧ୍ୟରେ ଦେଖିବାକୁ ପାଇଲି ନାହିଁ । କିନ୍ତୁ ଅଲ୍ଲାଃତାଲା ଆମମାନଙ୍କ ଉପରେ କ୍ଷୁବ୍ଧ ଏବଂ ରୁଷ୍ଟ ହେଲେ ଏବଂ ସେ ନିଜର ଅବତାରଙ୍କୁ ଉଠାଇ ନେଇଛନ୍ତି । ଅତଏବ୍ ମୋ ପାଇଁ ବର୍ତ୍ତମାନ ଉଚିତ୍ ଏହା ହେବ ଯେ, ମୁଁ ଲଢ଼ିବି । ସୁତରାଂ ଯେପର୍ଯ୍ୟନ୍ତକି ମୋତେ ଶହୀଦ୍ କରିଦିଆଯାଇ ନାହିଁ ସେପର୍ଯ୍ୟନ୍ତ ମୁଁ ଲୁହୁଥିବି । ହ. ଅଲୀ ର.ଅ କୁହନ୍ତି ଯେ, ଏତଦ୍‌ପରେ ମୁଁ ନିଜର ଖଡ଼୍‌ଗ ଖୋଳ ଭାଙ୍ଗି ଦେଲି ଏବଂ ଅବିଶ୍ୱାସକାରୀମାନଙ୍କ ଉପରେ ଆକ୍ରମଣ କରିଦେଲି । ସେମାନେ ଧୀରେ ଧୀରେ ବିକ୍ଷିପ୍ତ ହୋଇଗଲେ । ତେଣୁ ମୁଁ ଦେଖିଲି ଯେ, ରସୁଲୁଲ୍ଲାଃ ସ.ଅ ସେମାନଙ୍କ ମଝିରେ ଛିଡ଼ା ହୋଇଛନ୍ତି ।

**(ଉସ୍‌ଦୁଲ୍ ଗାବା, ଭାଗ-4, ପୃ-94, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ସଇଦ୍ ବିନ୍ ମୁସୈଇବ୍ ର.ଅ ବର୍ଣ୍ଣନା କରନ୍ତି ଯେ, ୱହୋଦ୍ ଯୁଦ୍ଧରେ ହ. ଅଲୀ ର.ଅଙ୍କୁ 16ଟି କ୍ଷତ ବାଜିଥିଲା ।

**(ଉସ୍‌ଦୁଲ୍ ଗାବା, ଭାଗ-4, ପୃ-93, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମୁସ୍‌ଲେହ୍ ମଉଦ୍ ର.ଅ ଉକ୍ତ ବିଷୟବସ୍ତୁକୁ ବର୍ଣ୍ଣନା କରି କୁହନ୍ତି ଯେ, "ବିପତ୍ତି ତଳେ କଲ୍ୟାଣର ନିଧି ଗୁପ୍ତ ରହିଥାଏ" । ହ. ମୁସ୍‌ଲେହ୍ ମଉଦ୍ ର.ଅ ବର୍ଣ୍ଣନା କରି କୁହନ୍ତି ଯେ, ହ. ଅଲୀ ର.ଅ ୱହୋଦ୍ ଯୁଦ୍ଧରୁ ଫେରି ହ. ଫାତିମା ର.ଅଙ୍କୁ ନିଜର ଖଡ଼୍‌ଗ ଦେଲେ ଏବଂ କହିଲେ, ହେ ଫାତିମା ! ତୁମେ ଉକ୍ତ ଖଡ଼୍‌ଗକୁ ଧୋଇ ଦିଅ । ଆଜି ଏହି ଖଡ଼୍‌ଗ୍ ବହୁତ କାମ କରିଛି । ରସୁଲ୍ କରୀମ୍ ସ.ଅ ହ. ଅଲୀ ର.ଅଙ୍କ ଉକ୍ତ କଥା ଶୁଣୁଥିଲେ । ଆପଣ ସ.ଅ କହିଲେ, "ହେ ଅଲୀ ! କେବଳ ତୁମର ଖଡ଼୍‌ଗ କାମ କରି ନାହିଁ । ବରଂ ତୁମର ଆହୁରି ଅନେକ ଭାଇମାନେ ଅଛନ୍ତି ଯେଉଁମାନଙ୍କର ଖଡ଼୍‌ଗ ମଧ୍ୟ କାମ କରିଛି । ତୁମ ଭାଇମାନଙ୍କର ଖଡ଼୍‌ଗଗୁଡ଼ିକ ମଧ୍ୟ ନାନା କୌଶଳ ଏବଂ ଦକ୍ଷତା ପ୍ରଦର୍ଶନ କରିଛି । ଆପଣ ସ.ଅ 6, 7 ଜଣ ସାହାବାମାନଙ୍କର ନାମ ନେଇ କହିଲେ,ହେ ଅଲୀ ! ଏହି ସାହାବାମାନଙ୍କର ଖଡ଼୍‌ଗ ମଧ୍ୟ ତୁମ ଖଡ଼୍‌ଗ ଠାରୁ ଗୁଣରେ କିଛି କମ୍ ନଥିଲା ।" **(ମସାଏବ୍ କେ ନିଚେ ବର୍କତୋଁ କେ ଖଜାନେ ମଖଫି ହୋତେ ହେଁ, ଅନ୍‌ୱାରୁଲ୍ ଉଲୁମ୍, ଭାଗ-19)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ଅବୁ ତଲ୍‌ହା ଅନ୍‌ସାରୀ ର.ଅଙ୍କ ସଂପର୍କରେ ଉପରୋକ୍ତ ପ୍ରାମାଣ୍ୟରୁ ଏହି ସୂଚନା ମିଳେ ଯେ, ହ. ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ୱହୋଦ୍ ଯୁଦ୍ଧ ହେଲା ସେତେବେଳେ ଲୋକମାନେ ପରାଜିତ ହୋଇ ନବୀ କରୀମ୍ ସ.ଅଙ୍କ ଠାରୁ ଅଲଗା ହୋଇଗଲେ । ହ. ଅବୁ ତଲ୍‌ହା ର.ଅ ନବୀ କରୀମ୍ ସ.ଅଙ୍କ ସମ୍ମୁଖରେ ଆପଣ ସ.ଅଙ୍କୁ ନିଜର ଢାଲ ପଛ ପଟେ ଦେଖାଇ ଛିଡ଼ା ହୋଇ ରହିଥିଲେ । ହ. ଅବୁ ତଲ୍‌ହା ର.ଅ ଏପରି ଧନୁର୍ଦ୍ଧର ଥିଲେ ଯେ, ଆପଣ ଖୁବ୍ ଜୋରରେ ଧନୁକୁ ଟାଣୁଥିଲେ । ସେଦିନ ହ. ଅବୁ ତଲହା ର.ଅ ଦୁଇ କିମ୍ବା ତିନୋଟି ଧନୁ ଭାଙ୍ଗିଥିଲେ । ଅର୍ଥାତ୍ ଏତେ ଜୋରରେ ଟାଣୁଥିଲେ ଯେ, ଧନୁ ଭାଙ୍ଗି ଯାଉଥିଲା। ସେତେବେଳେ ସାହାବାମାନଙ୍କ ମଧ୍ୟରୁ ଯେଉଁ ବ୍ୟକ୍ତି ବି ତୀର ତୁଣୀର (ଖୋଳ) ନିଜ ସହିତ ଧରି ବୁଲୁଥିଲା ସେତେବେଳେ ଆଁହଜରତ ସ.ଅ ସେହି ବ୍ୟକ୍ତିକୁ କହୁଥିଲେ ଯେ, ହେ ବ୍ୟକ୍ତି ରହ ରହ ! ଅବୁ ତଲ୍‌ହା ନିମନ୍ତେ ଟିକେ ତୀର ଫିଙ୍ଗି ଦେ । ଅର୍ଥାତ୍ ଅବୁ ତଲ୍‌ହା ଜଣେ ଉତ୍ତମ ଧନୁର୍ଦ୍ଧର ଅଟନ୍ତି । ତୁମେ ତାଙ୍କୁ ନିଜର ତୀର ସବୁ ଦେଇଦିଅ । ହ. ଅବୁ ତଲ୍‌ହା ର.ଅ ସେତେବେଳେ ଆଁହଜରତ ସ.ଅଙ୍କ ସମ୍ମୁଖରେ ଛିଡ଼ା ହୋଇଥିଲେ । ହ. ଅନସ୍ ର.ଅ କହୁଥିଲେ ଯେ, ନବୀ କରୀମ୍ ସ.ଅ ମୁଣ୍ଡ ଉପରକୁ ଉଠାଇ ଲୋକମାନଙ୍କୁ ଯେତେବେଳେ ଦେଖୁଥିଲେ ସେତେବେଳେ ହ. ଅବୁ ତଲ୍‌ହା ର.ଅ କହୁଥିଲେ: ଯେତେବେଳେ ନବୀ କରୀମ୍ ସ.ଅ ମୁଣ୍ଡ ଉପରକୁ ଉଠାଇ ଲୋକମାନଙ୍କୁ ଚାହୁଁଥିଲେ ସେତେବେଳେ ହ. ଅବୁ ତଲ୍‌ହା ର.ଅ କହୁଥିଲେ ଯେ, بِأَبِیْ أَنْتَ وَأُمِّیْ یَا رَسُوْلَ اللّٰہِ، لَا یُصِیْبُکَ سَھْمٌ، نَحْرِیْ دُوْنَ نَحْرِکَ ଅର୍ଥାତ୍ ହେ ଅଲ୍ଲାଙ୍କ ବାର୍ତ୍ତାବହ ! ମୋର ମାତା ପିତା ଆପଣ ସ.ଅଙ୍କ ଉପରେ ଉତ୍ସର୍ଗ ହୋଇ ଯାଆନ୍ତୁ। ଆପଣ ମୁଣ୍ଡ ଉପରକୁ କରି ଆଦୌ ଦେଖନ୍ତୁ ନାହିଁ । କାରଣ ସେହି ଲୋକମାନଙ୍କର (ଶତ୍ରୁର) ତୀର ମଧ୍ୟରୁ କୌଣସି ତୀର ଆସି ଆପଣ ସ.ଅଙ୍କୁ ଯେପରି ନବାଜି ଯାଉ। ତେଣୁ ମୋର ଛାତି ଆପଣ ସ.ଅଙ୍କ ଛାତି ସମ୍ମୁଖରେ ରହିଛି । **(ସହିହୁଲ୍ ବୁଖାରୀ, କିତାବୁଲ୍ ମୁଗାଜି, ବାବ୍-ଇଜ୍ ହମ୍ମତ୍ ତାଇଫତାନି ମିନ୍‌କୁମ୍... ହଦିସ୍ ନଂ-4064ରୁ ଉଦ୍ଧୃତ) (ଅତ୍ ତବ୍‌କାତୁଲ୍ କୁବ୍ରା ଲିଇବ୍‌ନି ସାଆଦ୍, ସରିୟତା ଅମ୍ର ବିନ୍ ଆସି ଇଲା ସୁୱାଅ, ଭାଗ-3, ପୃ-384-385, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ଅନସ୍ ବିନ୍ ମାଲିକ୍ ର.ଅ ବର୍ଣ୍ଣନା କରନ୍ତି ଯେ, ହ. ଅବୁ ତଲ୍‌ହା ର.ଅ ଗୋଟିଏ ଢାଲରୁ ନବୀ କରୀମ୍ ସ.ଅଙ୍କୁ ରକ୍ଷା କରିଥିଲେ ଏବଂ ହ. ଅବୁ ତଲ୍‌ହା ର.ଅ ଜଣେ ଭଲ ଧନୁର୍ଦ୍ଧର ଥିଲେ । ଯେତେବେଳେ ଆପଣ ର.ଅ ତୀର ଚାଳନା କରୁଥିଲେ ସେତେବେଳେ ନବୀ କରୀମ୍ ସ.ଅ ଉଣ୍ଡୁଥିଲେ ଏବଂ ତାଙ୍କର ତୀର ପଡ଼ୁଥିବା ସ୍ଥାନକୁ ଆପଣ ସ.ଅ ଦେଖୁଥିଲେ । **(ସହିହୁଲ୍ ବୁଖାରୀ, କିତାବୁଲ୍ ଜିହାଦ୍, ବାବ୍-ଅଲ୍ ମଜନି ୱମଇଁ ଯତ୍ତୁସା ବିତର୍ସି ସାହିବିହି, ହଦିସ୍ ନଂ-2902ରୁ ଉଦ୍ଧୃତ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ୱହୋଦ୍ ଯୁଦ୍ଧରେ ହ. ଅବୁ ତଲ୍‌ହା ର.ଅଙ୍କ ଏକ କବିତା ପାଠ କରିବାର ମଧ୍ୟ ଚର୍ଚ୍ଚା ମିଳେ । ସେହି କବିତାଟି ଏହିପରି ଯେ,

وَجْھِیْ لِوَجْھِکَ الْوِقَاءُ وَنَفْسِیْ لِنَفْسِکَ الْفِدَاءُ

ଅର୍ଥାତ୍ ମୋର ମୁଖମଣ୍ଡଳ ଆପଣ ସ.ଅଙ୍କ ମୁଖମଣ୍ଡଳକୁ ରକ୍ଷା କରିବା ନିମନ୍ତେ ଉପସ୍ଥିତ ରହିଛି ଏବଂ ମୋର ପ୍ରାଣ ଆପଣ ସ.ଅଙ୍କ ପ୍ରାଣ ପାଇଁ ଉତ୍ସର୍ଗ ହୋଇଯାଉ । **(ମସ୍‌ନଦ୍ ଅହମଦ୍ ବିନ୍ ହମ୍ବଲ୍, ଭାଗ-4, ପୃ-665, ମସ୍‌ନଦ୍ ହଦିସ୍ ନଂ-13781, ଆଲିମୁଲ୍ କୁତୁବ୍, ବୈରୁତ୍, 1998 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ଅବୁ ତଲ୍‌ହା ଅନ୍‌ସାରୀ ର.ଅଙ୍କ ସଂପର୍କରେ ହ. ମିର୍ଜା ବଶୀର୍ ଅହମଦ୍ ସାହେବ ର.ଅ ଏହା ଉଲ୍ଲେଖ କରିଛନ୍ତି ଯେ, ହ. ଅବୁ ତଲ୍‌ହା ଅନ୍‌ସାରୀ ର.ଅ ତୀର ଚାଳନା କରୁ କରୁ ତିନୋଟି ଧନୁ ଭାଙ୍ଗି ଦେଇଥିଲେ ଏବଂ ଶତ୍ରୁ ବିପକ୍ଷରେ ନିର୍ଭୀକ ଓ ସାହସିକତାର ସହିତ ଛାତି ଦେଖାଇ ଆଁହଜରତ ସ.ଅଙ୍କ ଶରୀରକୁ ନିଜର ଢାଲ ଦ୍ୱାରା ଆବୃତ୍ତ କରି ଲୁଚାଇ ଦେଇଥିଲେ । **(ସିରତ୍ ଖାତମୁଲ୍ ନବୀୟିନ୍, ଲେଖକ-ହ. ମିର୍ଜା ବଶୀର୍ ଅହମଦ୍ ଏମ୍.ଏ ସାହେବ ର.ଅ, ପୃ-495)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ହ. ତଲ୍‌ହା ବିନ୍ ଉବୈଦୁଲ୍ଲାଃ ର.ଅଙ୍କର ଚର୍ଚ୍ଚା ରହିଛିଏ । ସେ ଅନ୍‌ସାରୀ ବ୍ୟକ୍ତି ଥିଲେ । ଆପଣ କୁରୈଶ୍‌ମାନଙ୍କ ମଧ୍ୟରୁ ଅନ୍ୟତମ ବ୍ୟକ୍ତି ଥିଲେ । ୱହୋଦ୍ ଯୁଦ୍ଧ ଦିନ ଆଁହଜରତ୍ ସ.ଅଙ୍କୁ ରକ୍ଷା କରିବାକୁ ଯାଇ ନିଜ ହାତରେ ତୀରକୁ ସହ୍ୟ କରିଥିଲେ । ଆପଣ ର.ଅ ୱହୋଦ୍ ଯୁଦ୍ଧ ଦିନ ହୁଜୁର ସ.ଅଙ୍କ ସହିତ ସାମିଲ୍ ହେଲେ । ଆପଣ ସେହି ବ୍ୟକ୍ତିମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ ଯିଏ ସେଦିନ ରସୁଲୁଲ୍ଲାଃ ସ.ଅଙ୍କ ସହିତ ଅବିଚଳ ରହିଥିଲେ ଏବଂ ଆପଣ ସ.ଅଙ୍କ ହସ୍ତରେ ମୃତ୍ୟୁ ବଦଳରେ ବୈଅତ୍ କରିଥିଲେ । ଯେତେବେଳେ ମାଲିକ୍ ବିନ୍ ଜୁହୈର୍ ରସୁଲ୍ କରୀମ୍ ସ.ଅଙ୍କୁ ତୀର ମାରିଲା ସେତେବେଳେ ହ. ଅବୁ ତଲ୍‌ହା ର.ଅ ରସୁଲୁଲ୍ଲାଃ ସ.ଅଙ୍କ ଚେହେରାକୁ ନିଜର ହସ୍ତ ଦ୍ୱାରା ରକ୍ଷା କଲେ । ତୀର ଆସି ତାଙ୍କର ଛୋଟ ଆଙ୍ଗୁଠିରେ ବାଜିଲା । ଫଳତଃ ସେହି ଆଙ୍ଗୁଠି ଅକ୍ଷମ ଓ ଆକାମୀ ହୋଇଗଲା। ଯେତେବେଳେ ହ. ଅବୁ ତଲ୍‌ହା ର.ଅଙ୍କୁ ପ୍ରଥମ ତୀର ବାଜିଲା ସେତେବେଳେ ଆପଣ ର.ଅଙ୍କ ତୁଣ୍ଡରୁ କଷ୍ଟଜନିତ ସ୍ୱର ବାହାରିଲା । ରସୁଲୁଲ୍ଲାଃ ସ.ଅ କହିଲେ, ଯଦି ତଲ୍‌ହା **ବିସମିଲ୍ଲାଃ** କହିଥାଆନ୍ତେ ତେବେ ସେ ଏହିପରି ସ୍ୱର୍ଗପୁରରେ ପ୍ରବିଷ୍ଟ ହୋଇଯାଇ ଥାଆନ୍ତେ ଯେପରି ଲୋକମାନେ ତାଙ୍କୁ ଚାହିଁ ରହିଥାଆନ୍ତେ । **(ଅତ୍ ତବ୍‌କାତୁଲ୍ କୁବ୍ରା ଲିଇବନି ସାଆଦ୍, ସରିୟତ୍ ଅମ୍ର ବିନ୍ ଆସି ଇଲା ସୁୱାଅ, ଭାଗ-3, ପୃ-162-163, ତଲ୍‌ହା ବିନ୍ ଉବୈଦୁଲ୍ଲାଃ କୁରୈଶି, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍, 1990 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ ଘଟଣାର ସବିଶେଷ ବିବରଣୀ ସିରତୁଲ୍


ହ.ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ହଲବିୟାହ୍‌ର ଏକ ବର୍ଣ୍ଣନାରେ ଏହିପରି ମଧ୍ୟ ବର୍ଣ୍ଣିତ ହୋଇଛି ଯେ, କୈସ୍ ବିନ୍ ଅବୁ ହାଜିମ୍ କୁହନ୍ତି ଯେ, ମୁଁ ଓହୋଦ୍ ଯୁଦ୍ଧ ଦିନ ହ. ତଲହା ବିନ୍ ଉବୈଦୁଲ୍ଲାଃ ର.ଅଙ୍କ ହାତର ଅବସ୍ଥା ଦେଖିଥିଲି । ଉକ୍ତ ହସ୍ତ ଆଁହଜରତ୍ ସ.ଅଙ୍କୁ ରକ୍ଷା କରିବାକୁ ଯାଇ ନିଷ୍କ୍ରିୟ ହୋଇଯାଇଥିଲା । ଏକ କଥନ ରହିଛି ଯେ, ସେହି ଆଙ୍ଗୁଠିରେ ବର୍ଚ୍ଛା ବାଜିଥିଲା। ଯଦ୍ଦ୍ୱାରାକି ରକ୍ତ ସ୍ରାବ ହୋଇ ଥିଲା ଓ ଦୁର୍ବଳତା ଯୋଗୁଁ ଆପଣ ଚେତାଶୂନ୍ୟ ହୋଇଗଲେ। ହ. ଅବୁ ବକ୍କର୍ ର.ଅ ତାଙ୍କ ଉପରେ ଜଳ ଛିଞ୍ଚିଲେ, ଏପର୍ଯ୍ୟନ୍ତକି ତାଙ୍କର ଚେତା ଫେରିଥିଲା । ଚେତା ଫେରିବା ପରେ ସେ ତୁରନ୍ତ ପଚାରିଲେ ଯେ, ରସୁଲୁଲ୍ଲାଃ ସ.ଅଙ୍କ କି ଅବସ୍ଥା ହୋଇଛି, ଆପଣ ସ.ଅ କେମିତି ଅଛନ୍ତି ? ହ. ଅବୁ ବକ୍କର ର.ଅ ତାଙ୍କୁ କହିଲେ, ହେ ତଲହା ! ଆପଣ ସ.ଅ ସକୁଶଳେ ଅଛନ୍ତି ଏବଂ ଆପଣ ସ.ଅ ହିଁ ମୋତେ ତୁମ ପାଖକୁ ପଠାଇଛନ୍ତି ହ. ତଲ୍‌ହା ର.ଅ କହିଲେ, اَلْحَمْدُ لِلّٰهِ كُلُّ مُصِيْبَةٍ بَعْدَهٗ جَلَلٌ ଅର୍ଥାତ ସକଳ ପ୍ରଶଂସା ଅଲ୍ଲାଃତାଲାଙ୍କ ନିମନ୍ତେ ଉଦ୍ଦିଷ୍ଟ । ଆପଣ ସ.ଅଙ୍କ ପରେ ପ୍ରତ୍ୟେକ ବିପଦ ଛୋଟ ଅଟେ । **(ଅସ୍ ସିରତୁଲ୍ ହଲବିୟାହ୍, ଭାଗ-2, ପୃ-324, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଆଏଶା ର.ଅ ଓ ଉମ୍ମେ ଇସ୍‌ହାକ୍ ଯେକି ହ. ତଲ୍‌ହା ର.ଅଙ୍କ କନ୍ୟା ଥିଲେ, ଦୁହେଁ କୁହନ୍ତି ଯେ, ଓହୋଦ୍ ଯୁଦ୍ଧ ଦିନ ଆମ ପିତାଶ୍ରୀଙ୍କ ଶରୀରରେ 24ଟି ଆଘାତ ବା କ୍ଷତ ଲାଗିଥିଲା । ସେହି ଆଘାତ ପ୍ରାପ୍ତ କ୍ଷତ ମଧ୍ୟରୁ ଏକ ଚତୁର୍ଭୁଜ ଆକୃତିର କ୍ଷତ ମୁଣ୍ଡରେ ଥିଲା ଏବଂ ଗୋଡ଼ର ଶିରା ଛିଡ଼ି ଯାଇଥିଲା। ଆଙ୍ଗୁଠି ନିଷ୍କ୍ରିୟ ହୋଇଯାଇଥିଲା ଏବଂ ଅନ୍ୟ ସମସ୍ତ କ୍ଷତ ଶରୀରରେ ଲାଗିଥିଲା। ପିତାଶ୍ରୀ ଚେତାଶୂନ୍ୟ ହଇ ପଡ଼ିଥିଲେ । ରସୁଲୁଲ୍ଲାଃ ସ.ଅ ଙ୍କ ସମ୍ମୁଖବର୍ତ୍ତୀ ଦୁଇଟି ଦାନ୍ତ ଭାଙ୍ଗି ଯାଇଥିଲା । ଆପଣ ସ.ଅଙ୍କ ମୁଖମଣ୍ଡଳ ମଧ୍ୟ କ୍ଷତାକ୍ତ ହୋଇଯାଇଥିଲା। ଆପଣ ସ.ଅ ମଧ୍ୟ ଚେତାଶୂନ୍ୟ ହୋଇ ଯାଇଥିଲେ । ହ. ତଲ୍‌ହା ର.ଅ ଆପଣ ସ.ଅଙ୍କୁ ଉଠାଇ ନିଜ ପିଠି ଉପରେ ପକାଇ ଏପରି ଓଲଟା ପାଦରେ ଘୁଞ୍ଚିଲେ ଯେ, ଯେତେବେଳେ ଅବିଶ୍ୱାସକାରୀ ମଧ୍ୟରୁ କୌଣସି ବ୍ୟକ୍ତି ମିଳୁଥିଲା ସେତେବେଳେ ସେ ତା' ସହିତ ଲଢୁଥିଲେ । ଏପର୍ଯ୍ୟନ୍ତକି ହ. ତଲ୍‌ହା ର.ଅ ଆଁହଜରତ[ସ.ଅ]ଙ୍କୁ ଘାଟି ମଧ୍ୟକୁ ନେଇଗଲେ ଏବଂ ନିଜର ପିଠି ସହିତ ଆଁହଜରତ ସ.ଅଙ୍କୁ ବସାଇଦେଲେ। **(ଅତ୍ ତବ୍‌କାତୁଲ୍ କୁବ୍ରା ଲିଇବ୍‌ନି ସାଆଦ୍, ଭାଗ-3, ପୃ-163, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମୁସ୍‌ଲେହ୍ ମଉଦ୍ ର.ଅ ଓହୋଦ୍ ଯୁଦ୍ଧ, ବୀର ଓ ବିଶ୍ୱସ୍ତ ସାହାବାମାନଙ୍କର ଚର୍ଚ୍ଚା କରି କୁହନ୍ତି ଯେ, ଓହୋଦ୍ ଯୁଦ୍ଧ ଦିନ ଯେତେବେଳେ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ମୁସଲମାନମାନଙ୍କ ଉପରେ ହଠାତ୍ ଆକ୍ରମଣ କଲେ ଏବଂ ମୁସଲମାନମାନେ ବିକ୍ଷିପ୍ତ ହୋଇଗଲେ ସେତେବେଳେ କେତେକ ସାହାବାମାନେ ଦଉଡ଼ି ଆସି ରସୁଲ୍ଲାଲଃ ସ.ଅଙ୍କ ଆଖାପାଖରେ ଏକତ୍ରିତ ହୋଇଗଲେ । ସେହି ସାହାବାମାନଙ୍କର ସଂଖ୍ୟା ଅତି ବେଶୀରେ 30 ଥିଲା । ଯେଉଁ ସ୍ଥାନରେ ଆଁହଜରତ ସ.ଅ ଛିଡ଼ା ହୋଇଥିଲେ ସେହି ସ୍ଥାନରେ ଅବିଶ୍ୱାସକାରୀମାନେ ଜୋର୍‌ଦାର ଆକ୍ରମଣ କଲେ । ଗୋଟିଏ ପରେ ଗୋଟିଏ ସାହାବାମାନେ ଆପଣ ସ.ଅଙ୍କୁ ସୁରକ୍ଷା ଦେବାକୁ ଯାଇ ମୃତ୍ୟୁବରଣ କଲେ । ଏତଦ୍‌ଭିନ୍ନ ଖଡ଼୍‌ଗଧାରୀ, ଧନୁର୍ଦ୍ଧର ଅବିଶ୍ୱାସକାରୀମାନେ ଉଚ୍ଚ ସ୍ତୂପ ଉପରେ ଛିଡ଼ା ହୋଇ ଆଁହଜରତ ସ.ଅଙ୍କ ଆଡ଼କୁ ଅସଂଖ୍ୟ ତୀର ବର୍ଷଣ କରୁଥିଲେ । ହ. ତଲ୍‌ହା ର.ଅ ଯେକି କୁରୈଶ୍‌ମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ ଏବଂ ମକ୍କାର ପ୍ରବାସକାରୀମାନଙ୍କ ମଧ୍ୟରେ ସାମିଲ୍ ଥିଲେ । ସେ ଯେତେବେଳେ ଏହା ଦେଖିଲେ ଯେ, ଅବିଶ୍ୱାସକାରୀମାନେ ଆଁହଜରତ ସ.ଅଙ୍କ ଉପରକୁ ଏବଂ ବିଶେଷ କରି ମୁହଁ ଆଡ଼କୁ ଅତର୍କିତ ତୀର ଚଳାଉଛନ୍ତି ସେତେବେଳେ ହ. ତଲ୍‌ହା ର.ଅ ନିଜର ହାତ ଆଁହଜରତ ସ.ଅଙ୍କ ମୁଖମଣ୍ଡଳ ଆଗରେ ଛିଡ଼ା କରିଦେଲେ । ଯେଉଁ କ୍ରମାଗତ ତୀର ଆସି ଲକ୍ଷ୍ୟଭେଦ କରୁଥିଲା ତାହା ହ. ତଲ୍‌ହା ର.ଅଙ୍କ ହାତରେ ଆସି ବାଜୁଥିଲା। କିନ୍ତୁ ବୀର ଏବଂ ବିଶ୍ୱସ୍ତ ସାହାବି ନିଜର ହାତକୁ ହଲାଉ ନଥିଲେ । ଏହିପରି ଭାବରେ ହ. ତଲ୍‌ହା ର.ଅଙ୍କ ହାତରେ ତୀର ଆସି ବାଜୁଥିଲା ଏବଂ ହ. ତଲ୍‌ହା ର.ଅଙ୍କ ହାତ ତୀର ବାଜିବା ଫଳେରେ ନିଷ୍କ୍ରିୟ ହୋଇଗଲା ଏବଂ କେବଳ ଗୋଟିଏ ହାତ ଆପଣ ର.ଅଙ୍କର ବାକି ରହିଗଲା । ବର୍ଷ ପରେ ବର୍ଷ ବିତିଯିବା ପରେ ଇସ୍‌ଲାମ୍ ଧର୍ମର ଚତୁର୍ଥ ଖିଲାଫତ୍ କାଳରେ ଯେତେବେଳେ ମୁସଲମାନମାନଙ୍କ ମଧ୍ୟରେ ଗୃହ ଯୁଦ୍ଧ ସଂଘଟିତ ହେଲା ସେତେବେଳେ କୌଣସି ଏକ ଶତ୍ରୁ ବ୍ୟଙ୍ଗାତ୍ମକ ଢଙ୍ଗରେ ହ. ତଲ୍‌ହା ର.ଅଙ୍କୁ କହିଲା, ପଙ୍ଗୁ । ଅର୍ଥାତ୍ ହେ ତଲ୍‌ହା ! ତୁମର ହାତ କାମ କରୁ ନାହିଁ ? ପ୍ରତ୍ୟୁତ୍ତରରେ ଅନ୍ୟ ସାହାବି ଜଣକ କହିଲେ, ହଁ ହ. ତଲ୍‌ହା ପଙ୍ଗୁ ଅଟନ୍ତି । କିନ୍ତୁ ହେ ବ୍ୟକ୍ତି କ'ଣ ତୁ ଏକଥା ଜାଣୁ ଯେ, ହ. ତଲ୍‌ହା ର.ଅଙ୍କ ଏହି ହାତ ଆଁହଜରତ ସ.ଅଙ୍କ ମୁଖମଣ୍ଡଳକୁ ରକ୍ଷା କରିବାକୁ ଯାଇ ପଙ୍ଗୁ ହୋଇଯାଇଥିଲା । ଓହୋଦ୍ ଯୁଦ୍ଧ ପରେ କେହି ଜଣେ ପଚାରିଲା ଯେ, ହେ ତଲ୍‌ହା ! ତୁମ ହାତରେ ଯେତେବେଳେ ଶତ୍ରୁର ତୀର ଆସି ବାଜୁଥିଲା ସେତେବେଳେ ଆପଣଙ୍କୁ କଷ୍ଟ ହେଉ ନଥିଲା ଏବଂ ଆପଣଙ୍କ ତୁଣ୍ଡରୁ ଉହ୍ ଆହ୍ ଶବ୍ଦ ବାହାରୁ ନଥିଲା ? ହ. ତଲ୍‌ହା ର.ଅ ଉତ୍ତର ଦେଲେ, ବସ୍ ! କଷ୍ଟ ତ'ଣ ଅନୁଭୂତ ହେଉଥିଲା ଏବଂ ଉହ୍ ଆହ୍ ଶବ୍ଦ ମଧ୍ୟ ବାହାରିବାକୁ ଚାହୁଁଥିଲା । କିନ୍ତୁ ମୁଁ ଯଦି ଉହ୍ ଆହ୍ କରି ଥାଆନ୍ତି ତେବେ ମୋ ହାତ ଆପଣ ସ.ଅଙ୍କ ମୁଖମଣ୍ଡଳରୁ ହଟି ଯାଇଥାଆନ୍ତା ଓ ଆପଣ ସ.ଅଙ୍କ ମୁଖମଣ୍ଡଳରେ ଆସି ତୀର ବାଜି ଥାଆନ୍ତା ।

**(ଦିବାଚା ତଫସିରୁଲ୍ କୁର୍‌ଆନ୍, ଅନ୍‌ୱାରୁଲ୍ ଉଲୁମ୍, ପୃ-20, ପୃ-250)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅ ସେହି ପ୍ରାଣୋତ୍ସର୍ଗୀ ସାହାବାମାନଙ୍କ ମଧ୍ୟରୁ ଅନ୍ୟତମ ସାହାବି ଥିଲେ ଯିଏ ସାହସିକତାର ସହିତ ଏବଂ ଅତ୍ୟନ୍ତ ବିଶ୍ୱସ୍ତତା ପ୍ରଦର୍ଶନ କରିଥିଲେ । ହ. ଆଏଶା ବିନ୍‌ତ୍ ସଆଦ୍ ର.ଅ ନିଜର ପିତାଙ୍କ ଠାର ବର୍ଣ୍ଣନା କରନ୍ତି ଯେ, ତାଙ୍କ ପିତାଶ୍ରୀ କହୁଥିଲେ ଯେ, ଯେତେବେଳେ ଲୋକମାନେ ଅର୍ଥାତ୍ ଶତ୍ରୁମାନେ ପାଲଟା ଆକ୍ରମଣ କରିଦେଲେ ସେତେବେଳେ ମୁଁ ଗୋଟିଏ ପାର୍ଶ୍ୱରେ ଛିଡ଼ା ହୋଇଗଲି । ମୁଁ କହିଲି, ମୁଁ ଯଦି ଶତ୍ରୁମାନଙ୍କୁ ନିଜ ଠାରୁ ହଟାଇବି ତାହାହେଲେ ମୋତେ ମୁକ୍ତି ମିଳିବ ଅନ୍ୟଥା ମୁଁ ଶହୀଦ୍ ହୋଇଯିବି । ଅତଏବ୍ ମୁଁ ଜଣେ ଲାଲ୍ ରଙ୍ଗର ମୁଖମଣ୍ଡଳ ଥିବା ଏକ ବ୍ୟକ୍ତିଙ୍କୁ ଦେଖିଲି । ଏହା ଖୁବ୍ ନିକଟବର୍ତ୍ତୀ ଥିଲା ଯେ, ଅବିଶ୍ୱାସକାରୀମାନେ ସେମାନଙ୍କୁ ପରାସ୍ତ କରିଦେବେ । ତେବେ ସେହି ବ୍ୟକ୍ତି ଜଣକ ନିଜର ହାତରେ ମୁଠାଏ ଗୋଡ଼ି ପଥର ଧରି ସେମାନଙ୍କ ଉପରକୁ ଫିଙ୍ଗିଦେଲା । ଅତଏବ୍ ମୋ ମଧ୍ୟରେ ଏବଂ ସେହି ବ୍ୟକ୍ତି ମଧ୍ୟରେ ହଠାତ୍ ମିକ୍‌ଦାଦ୍ ଆସିଗଲେ । ତେବେ ମୁଁ ମିକ୍‌ଦାଦ୍‌ଙ୍କୁ ପଚାରିବାକୁ ସ୍ଥିର କଲି । ସେ କହିଲେ, ହେ ସାଆଦ୍, ଏହି ବ୍ୟକ୍ତି ଜଣକ ରସୁଲୁଲ୍ଲାଃ ସ.ଅ ଥିଲେ। ସେ ତୁମକୁ ଡାକୁଥିଲେ । ତେଣୁ ମୁଁ ଛିଡ଼ା ହେଲି ଏବଂ ମୋତେ ଏପରି ଲାଗୁଥିଲା ଯେପରିକି ମୋତେ କୌଣସି କଷ୍ଟ ଅନୁଭୂତ ହେଉ ନାହିଁ । ମୁଁ ଆପଣ ସ.ଅଙ୍କ ନିକଟକୁ ଯେତେବେଳେ ଆସିଲି ସେତେବେଳେ ଆପଣ ସ.ଅ ମୋତେ ସାମ୍ନାରେ ବସାଇନେଲେ । ମୁଁ ତୀର ଚଳାଇବାକୁ ଲାଗିଲି ଏବଂ ମୁଁ କହିଲି ଯେ, ହେ ଅଲ୍ଲାଃ! ଏ ହେଉଛି ତୁମ୍ଭର ତୀର । ତୁମ୍ଭେ ଏହି ତୀର ଦ୍ୱାରା ଶତ୍ରୁର ନାଶ କର । ରସୁଲ୍ କରୀମ୍ ସ.ଅ କହିଲେ, ହେ ଅଲ୍ଲାଃ ! ତୁମ୍ଭେ ସାଆଦ୍‌ଙ୍କ ପ୍ରାର୍ଥନାକୁ ସ୍ୱୀକାର କର । ହେ ଅଲ୍ଲାଃ! ତୁମ୍ଭେ ସାଆଦ୍‌ଙ୍କ ଲକ୍ଷ୍ୟ ଭେଦକୁ ସଠିକ୍ କରିଦିଅ । ହେ ସାଆଦ୍ ! ତୁମ୍ଭ ଉପରେ ମୋର ମାତାପିତା ଉତ୍ସର୍ଗ ହୋଇଯାଆନ୍ତୁ । ସାଆଦ୍ ର.ଅ କୁହନ୍ତି ଯେ, ଉକ୍ତ ଘଟଣା ମୁଁ ବର୍ଣ୍ଣନା କରୁଥିଲି । କିନ୍ତୁ ସେତେବେଳର ଦୃଶ୍ୟ ଏପରି ଥିଲା ଯେପରିକି ମୋତେ ଏହା ପ୍ରତିତ ହେଉଥିଲା କି କୌଣସି ଦେବଦୂତ ଆମ ମଝିରେ ଚାଲି ଆସିଛନ୍ତି ଏବଂ ସେ ମଧ୍ୟ ଆମ ସହିତ ଲଢୁଛନ୍ତି । କିନ୍ତୁ ସେତେବେଳେ ମୋତେ କେହି କହିଲା କି ସେ ହେଉଛନ୍ତି ଆଁହଜରତ ସ.ଅ । ଏପରି ଲାଗୁଥିଲା ଯେ, ଲୋକମାନଙ୍କ ମଧ୍ୟରେ ନାନା ସ୍ୱପ୍ନାବସ୍ଥା ରହିଥିଲା କିମ୍ବା ବାସ୍ତବତା ରହିଥିଲା । କିନ୍ତୁ ପରିଶେଷରେ ହ. ସାଆଦ୍ ରସୁଲୁଲ୍ଲାଃ ସ.ଅଙ୍କ ପାଖରେ ଥିଲେ । ସୁତରାଂ ହ. ସାଆଦ୍ କୁହନ୍ତି ଯେ, ମୁଁ ଯେଉଁ ତୀର ଚଳାଇଲି ସେହି ତୀର ଚଳାଇବା ସମୟରେ ରସୁଲୁଲ୍ଲାଃ ସ.ଅ ଏହା କହୁଥିଲେ ଯେ, ମୁଁ ଯେଉଁ ତୀର ଚଳାଉଥିଲି ରସୁଲୁଲ୍ଲାଃ ସ.ଅ ସେହି ତୀର ସହିତ ଏହା କହୁଥିଲେ ଯେ, ହେ ଅଲ୍ଲାଃ ! ସଆଦ୍‌ଙ୍କ ଲକ୍ଷ୍ୟକୁ ସଠିକ୍ କରିଦିଅ । ସାଆଦ୍‌ଙ୍କ ଦୁଆକୁ ସ୍ୱୀକାର କରିନିଅ । ହ. ସାଆଦ୍ ର.ଅ କୁହନ୍ତି: "ଏପର୍ଯ୍ୟନ୍ତକି ମୁଁ ନିଜର ତୁଣୀରରୁ ତୀର ଚଳାଇ ଶେଷ କରିଦେଲି ସେତେବେଳେ ରସୁଲୁଲ୍ଲାଃ ସ.ଅ ନିଜର ତୁଣୀରରୁ ତୀର ବିଛାଇ ଦେଲେ । ଆପଣ ସ.ଅ ମୋତେ ଏକ ବିନା ପରର ତୀର ଦେଲେ । ସେହି ତୀର ଅନ୍ୟ ତୀର ତୁଳନାରେ ଦ୍ରୁତଗାମୀ ଥିଲା । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାମା ଜୁହ୍‌ରୀ ଉଲ୍ଲେଖ କରିଛନ୍ତି ଯେ, ସେଦିନ ହ. ସାଆଦ୍ ର.ଅ ଏକ ସହସ୍ର ତୀର ଚଳାଇଥିଲେ। **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4, ପୃ-200-201, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଓହୋଦ୍ ଯୁଦ୍ଧ ଅବସରରେ ଯେତେବେଳେ ରସୁଲୁଲ୍ଲାଃ ସ.ଅଙ୍କ ନିକଟରେ ଅବିଚଳ ସାହାବାମାନେ ସ୍ୱଳ୍ପ ସଂଖ୍ୟକ ରହିଗଲେ ସେତେବେଳେ ହ. ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅଙ୍କ ସଂକ୍ରାନ୍ତରେ ସିରତ୍ ଖାତମୁନ୍ ନବୀୟିନରେ ହ. ମିର୍ଜା ବଶୀର୍ ଅହମଦ୍ ସାହେବ ର.ଅ ଏହିପରି ଉଲ୍ଲେଖ କରିଛନ୍ତି ଯେ, ସାଆଦ୍ ବିନ୍ ଅବି ୱକ୍କାସ ର.ଅଙ୍କୁ ଆଁହଜରତ ସ.ଅ ନିଜେ ତୀର ଧରାଇ ଚାଲିଥିଲେ ଏବଂ ହ. ସାଆଦ୍ ର.ଅ ସେହି ତୀର ଶତ୍ରୁ ଉପରେ ବର୍ଷଣ କରୁଥିଲେ। ଏକଦା ରସୁଲୁଲ୍ଲାଃ ସ.ଅ ହ. ସାଆଦ୍ ର.ଅଙ୍କୁ କହିଲେ, ହେ ସାଆଦ୍ ! ତୁମ ଉପରେ ମୋର ମାତାପିତା ଉତ୍ସର୍ଗ ହୋଇ ଯାଆନ୍ତୁ । ତୁମେ ଅହରହ ତୀର ଚଳାଅ। ଏକଦା

**ଅଲ୍ଲାଃତାଲାଙ୍କ ବାଣୀ**

**ଅଲ୍ଲାଃତାଲା କୁହନ୍ତି:** وَمَا خَلَقْتُ الْجِنَّ وَالْاِنْسَ اِلَّا لِيَعْبُدُوْنِ

(ଅଜ୍ ଜାରିୟାତ୍: 57)

**ଅନୁବାଦ୍: ଏବଂ ଆମ୍ଭେ ଜିନ୍ନ ଓ ଇନସକୁ ନିଜର ଉପାସନା ସକାଶେ ସୃଷ୍ଟି କରିଅଛୁ ।**

ତାଲିବେ ଦୁଆ: Akhtara Begum & Family,
B.D.A, Bhubaneshwar (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

**ଅଲ୍ଲାଃତାଲା କୁହନ୍ତି:** وَذَكِّرْ فَاِنَّ الذِّكْرٰى تَنْفَعُ الْمُؤْمِنِيْنَ

(ଅଜ୍ ଜାରିୟାତ୍: 56)

**ଅନୁବାଦ୍:ଏବଂ ସ୍ମରଣ କରାଉ ଥାଅ, କାରଣ ସ୍ମରଣ କରାଇବା ବିଶ୍ୱାସକାରୀମାନଙ୍କୁ-ଲାଭ ଦେଇଥାଏ ।**

ତାଲିବେ ଦୁଆ:Shamim Ahmad, S/o- Late Sk Abdul Gaffar &
Jamila Sahiba, Jamat Ahmadiya Kotpalla (Odisha)

ରସୁଲୁଲ୍ଲାଃ ସ.ଅ ହ. ସାଆଦ୍ ର.ଅଙ୍କୁ କହିଲେ, ହେ ସାଆଦ୍ ତୁମ ଉପରେ ମୋର ମାତାପିତା ଉତ୍ସର୍ଗ ହୋଇ ଯାଆନ୍ତୁ । ତୁମେ ଅହରହ ତୀର ଚଳାଇ ଚାଲ । ହ. ସାଆଦ୍ ନିଜର ଶେଷ ଜୀବନ ପର୍ଯ୍ୟନ୍ତ ଏହି ଶବ୍ଦକୁ ଅତ୍ୟନ୍ତ ଗର୍ବର ସହକାରେଅନ୍ୟ ଆଗରେ ପ୍ରକାଶ କରୁଥିଲେ । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ମିର୍ଜା ବଶୀର ଅହମଦ୍ ଏମ୍.ଏ ସାହେବ ର.ଅ, ପୃ-495)**

ହୁଜୁର ଅନ୍ୱର୍ ଅ.ବ କହିଲେ, ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହ. ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ ୱହୋଦ୍ ଯୁଦ୍ଧ ଦିନ ନିଜର ତୀରର ଖୋଳରୁ ତୀର ବାହାର କରି ମୋ ପାଇଁ ବିଛାଇ ଦେଲେ ଏବଂ ଆପଣ ସ.ଅ କହିଲେ, ହେ ସାଆଦ୍ ! ତୁମେ ତୀର ଚଳାଅ । ତୁମ ଉପରେ ମୋର ମାତାପିତା ଉତ୍ସର୍ଗ ହୋଇ ଯାଆନ୍ତୁ । **(ସହି ବୁଖାରୀ, କିତାବୁଲ୍ ମୁଗାଜି, ବାବ୍- ଇଜ୍ ହମ୍ମତ୍ ତାଇଫତାନି ମିନ୍‌କୁମ୍......, ହଦିସ୍ ନଂ-4055)**

ହୁଜୁର ଅନ୍ୱର୍ ଅ.ବ କହିଲେ, ହ. ଅଲୀ ର.ଅ ବର୍ଣ୍ଣନା କରନ୍ତି ଯେ, ମୁଁ ହ. ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅଙ୍କ ବ୍ୟତୀତ ରସୁଲୁଲ୍ଲାଃ ସ.ଅଙ୍କୁ କେବେ କାହା ପାଇଁ ନିଜର ମାତାପିତା ଉତ୍ସର୍ଗ କରିବା ନିମନ୍ତେ ଆଶୀର୍ବାଦ ଦେଉଥିବାର ଶୁଣି ନାହିଁ । ଆପଣ ସ.ଅ ହ. ସାଆଦ୍ ର.ଅଙ୍କୁ ୱହୋଦ୍ ଯୁଦ୍ଧ ଅବସରରେ କହିଥିଲେ ଯେ, ହେ ସାଆଦ୍ ! ମୋର ମାତାପିତା ତୁମ ଉପରେ ଉତ୍ସର୍ଗ ହୋଇ ଯାଆନ୍ତୁ । ତୁମେ ତୀର ଚଳାଇ ଚାଲ। **(ଜାମେ ତିର୍ମିଜି, କିତାବୁଲ୍ ମନାକିବି, ବାବ୍- ଇରମା, ଫିଦାକା, ଅବି ୱ ଉମ୍ମି, ହଦିସ୍ ନଂ-3753)**

ହୁଜୁର ଅନ୍ୱର୍ ଅ.ବ କହିଲେ, କିନ୍ତୁ ବୁଖାରୀରେ ଆଉ ଏକ ବର୍ଣ୍ଣନା ମଧ୍ୟ ରହିଛି ଯେ, ହ. ସାଆଦ୍ ର.ଅଙ୍କ ବ୍ୟକୀକ ଇତିହାସରେ ହ. ଜୁବୈର ବିନ୍ ଅୱାମ୍ ର.ଅଙ୍କ ନାମ ମଧ୍ୟ ମିଳେ । ତାଙ୍କୁ ଆଁହଜରତ ସ.ଅ କହିଥିଲେ فِدَاكَ أَبِي وَأُمِّي ଅର୍ଥାତ୍ **ମୋ** ମାତାପିତାମାନେ ତୁମ ଉପରେ ଉତ୍ସର୍ଗ ହୋଇଯାଆନ୍ତୁ । **(ସହି ବୁଖାରୀ, କିତାବୁ ଫଜାଇଲିନ୍ ନବୀ ସ.ଅ, ବାବ୍-ମନାକିବିଜ୍ ଜୁବୈର ବିନ୍ ୱଲଅୱାମ୍ ର.ଅ, ହଦିସ୍ ନଂ-3720)**

ହୁଜୁର ଅନ୍ୱର୍ ଅ.ବ କହିଲେ, ସେହିପରି ହଦିସ୍‌ରେ ହ. ଅବୁ ଦୁଜାନା ର.ଅଙ୍କ ବଳିଦାନର ମଧ୍ୟ ଚର୍ଚ୍ଚା ମିଳେ । ଅତଏବ୍ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ୱହୋଦ୍ ଯୁଦ୍ଧରେ ହ. ଅବୁ ଦୁଜାନା ରସୁଲୁଲ୍ଲାଃ ସ.ଅଙ୍କ ସୁରକ୍ଷା ଦାୟିତ୍ୱରେ ଆପଣ ସ.ଅଙ୍କ ନିମନ୍ତେ ଢାଲ ପରି ଛିଡ଼ା ହୋଇ ରହିଥିଲେ । ସୁତରାଂ ସେ ଆଁହଜରତ୍ ସ.ଅଙ୍କ ସମ୍ମୁଖରେ ଆପଣ ସ.ଅଙ୍କ ଆଡ଼କୁ ମୁହଁ କରି ଛିଡ଼ା ହୋଇଗଲେ, ଶତ୍ରୁ ଆପଣ ସ.ଅଙ୍କ ଆଡ଼କୁ ଯେଉଁ ତୀର ଚଳାଉଥିଲା ତାହା ହ. ଅବୁ ଦୁଜାନାଙ୍କ ଅଣ୍ଟାରେ ଆସି ବାଜୁଥିଲା। ଆପଣ ର.ଅ ଆନତ ହୋଇ ଛିଡ଼ାହୋଇ ରହିଥିଲେ ଏବଂ ସମସ୍ତ ତୀରର କଷ୍ଟ ନିଜ ଅଣ୍ଟା ଉପରେ ସହ୍ୟ କରୁଥିଲେ । ଏପର୍ଯ୍ୟନ୍ତକି ତାଙ୍କର ଅଣ୍ଟାରେ ଅସଂଖ୍ୟ ତୀର ଆସି ଖୋବି ହୋଇ ଲାଖିଗଲା । **(ଅସ୍ ସିରତୁଲ୍ ହଲବିୟାହ୍, ଭାଗ-2, ପୃ-314, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍, 2008 ମସିହା)**

ହୁଜୁର ଅନ୍ୱର୍ ଅ.ବ କହିଲେ, ହ. ଅବୁ ଦୁଜାନା ର.ଅଙ୍କ ଅବିଚଳତା ସଂକ୍ରାନ୍ତରେ ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ ଏହିପରି ଉଲ୍ଲେଖ କରିଛନ୍ତି ଯେ, ଅବୁ ଦୁଜାନା ର.ଅ ଅଧିକ ସମୟ ପର୍ଯ୍ୟନ୍ତ ଆପଣ ସ.ଅଙ୍କ ଶରୀରକୁ ନିଜ ଶରୀର ଦ୍ୱାରା ଲୁଚାଇ ରଖିଥିଲେ । ଯେଉଁ ତୀର ଆସୁଥିଲା ସେହି ତୀରକୁ ଆପଣ ର.ଅ ନିଜ ଶରୀରରେ ସ୍ୱୀକାର କରି ନେଉଥିଲେ । ଏପର୍ଯ୍ୟନ୍ତକି ତାଙ୍କର ଶରୀରେ ଅସଂଖ୍ୟ ତୀର ବାଜି ଶରୀର କ୍ଷତାକ୍ତ ହୋଇଗଲା । କିନ୍ତୁ ସେ ଉହ୍ କି ଆହ୍ କଲେ ନାହିଁ । କାରଣ ସେ ଯଦି ଉହ୍ ଆହ୍ କହିଥାଆନ୍ତେ ତେବେ ତାଙ୍କ ଶରୀର ହଲି ଯାଇଥାଆନ୍ତା ଓ ଆଁହଜରତ୍ ସ.ଅଙ୍କ ଶରୀରର କୌଣସି ଅଂଶ ଫୁଙ୍ଗୁଳା ହୋଇଯାଇ ଥାଆନ୍ତା ଏବଂ ଆପଣ ସ.ଅଙ୍କୁ କୌଣସି ତୀର ଆସି ବାଜି ଯାଇଥାଆନ୍ତା । **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ମିର୍ଜା ବଶୀର ଅହମଦ୍ ଏମ୍.ଏ ସାହେବ ର.ଅ, ପୃ-495)**

ହୁଜୁର ଅନ୍ୱର୍ ଅ.ବ କହିଲେ, ପୁନଶ୍ଚ ଆଉ ଜଣେ ସାହାବି ରହିଛନ୍ତି ଯାହାଙ୍କର ନାମ ହେଲା ହ. ସହଲ୍ ବିନ୍ ହୁନୈଫ୍ ର.ଅ । ସେ ମଧ୍ୟ ଜଣେ ଉଚ୍ଚ ପଦମର୍ଯ୍ୟାଦା ସମ୍ପନ୍ନ ସାହାବାମାନଙ୍କ ମଧ୍ୟରୁ ଅନ୍ୟତମ ସାହାବି ଥିଲେ । ସେ ୱହୋଦ୍ ଯୁଦ୍ଧ ଦିନ ଅବିଚଳତା ପ୍ରଦର୍ଶନ କରିଥିଲେ । ସେଦିନ ସେ ମୃତ୍ୟୁ ବଦଳରେ ଆଁହଜରତ ସ.ଅଙ୍କର ବୈଅତ୍ କରିଥିଲେ । ଆପଣ ର.ଅ ସେତେବେଳେ ଆଁହଜରତ ସ.ଅଙ୍କ ସମ୍ମୁଖରେ ଢାଲ ହୋଇ ଅବିଚଳ ଭାବରେ ଛିଡ଼ା ହୋଇ ରହିଥିଲା । ଶତ୍ରୁ ପକ୍ଷ ଯେତେବେଳେ ଘନ ଘନ ଜୋର୍‌ଦାର୍ ଆକ୍ରମଣ କରି ମୁସଲମାନ ସୈନ୍ୟବାହିନୀକୁ ବିକ୍ଷିପ୍ତ କରିଦେଲା ସେତେବେଳେ ସେ ସେଦିନ ଆଁହଜରତ ସ.ଅଙ୍କ ପକ୍ଷରୁ ତୀର ଚଳାଇଥିଲେ । ରସୁଲୁଲ୍ଲାଃ ସ.ଅ କହିଲେ, ସହଲ୍‌କୁ ତୀର ଧରାଅ । କାରଣ ତୀର ଚଳାଇବା ସହଲ୍‌ଙ୍କ ନିମନ୍ତେ ଅତି ସହଜ କାମ ଅଟେ ଅର୍ଥାତ୍ ବାଁ ହାତର ଖେଳ ଅଟେ । **(ଅଲ୍ ଇସ୍ତିଆବ୍, ଭାଗ-2, ପୃ-662-663, ଦାରୁଲ୍ ଜୈଲି, ବୈରୁତ୍-1992 ମସିହା)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ସେହିପରି ଆଉ ଜଣେ ମହିଳା ସାହାବି ଅଟନ୍ତି ଯାହାଙ୍କ ନାମ ହେଲା ଉମ୍ମେ ଉମ୍ମାରାହ୍ ର.ଅ । ତାଙ୍କ ସଂପର୍କରେ ମଧ୍ୟ ହିଦସ୍‌ମାନଙ୍କରେ ଚର୍ଚ୍ଚା ଏବଂ ବର୍ଣ୍ଣନା ମିଳେ । ଏହି ମହିଳା ସାହାବିୟାହ୍ ଜଣକ ୱହୋଦ ଯୁଦ୍ଧରେ ଅତ୍ୟନ୍ତ ସାହସିକତା ଏବଂ ଅପୂର୍ବ ବୀରତ୍ୱ ପ୍ରଦର୍ଶନ କରିଥିଲେ ଓ ବିଶ୍ୱସ୍ତତା ପ୍ରଦର୍ଶନ କରିଥିଲେ, ସେ ଜଣେ ପ୍ରାଣୋତ୍ସର୍ଗୀ ମହିଳା ସାହାବିୟାହ୍ ମଧ୍ୟ ଥିଲେ । ତାଙ୍କର ପୂରା ନାମ ଉମ୍ମେ ଉମ୍ମାରାହ୍ ମାଜ୍‌ନିୟାହ୍ ଥିଲା । ଅନ୍ୟ ବର୍ଣ୍ଣନାରେ ତାଙ୍କର ନାମ ଉମ୍ମେ ଉମ୍ମାରାହା ନୁସୈବାହ୍ ରହିଛି । ନୁସୈବା ତାଙ୍କର ପ୍ରକୃତ ନାମ ଥିଲା । ଆପଣ ହ. ଜୈଦ୍ ବିନ୍ ଆସିମ୍‌ଙ୍କ ପତ୍ନି ଥିଲେ । ହ. ଉମ୍ମେ ଉମ୍ମାରାହ୍ ସ୍ୱୟଂ ବର୍ଣ୍ଣନା କରନ୍ତି ଯେ, ୱହୋଦ ଯୁଦ୍ଧ ଅବସରରେ ମୁଁ ଘଟଣା ସ୍ଥଳ ଦେଖିବା ନିମନ୍ତେ ବାହାରିଲି ଯେ, ଲୋକମାନେ କ'ଣ କରୁଛନ୍ତି ? ମୋ ପାଖରେ ଜଳ ଦ୍ୱାରା ଭର୍ତ୍ତି ଏକ ଜଳଥଳୀ ମଧ୍ୟ ରହିଥିଲା । ମୁଁ ସେହି ଜଳଥଳୀକୁ ଆହତ ସୈନିକମାନଙ୍କୁ ଜଳପାନ କରାଇବା ନିମନ୍ତେ ସାଙ୍ଗରେ ନେଇଥିଲି । ଏପର୍ଯ୍ୟନ୍ତକି ମୁଁ ଆଁହଜରତ ସ.ଅଙ୍କ ନିକଟରେ ପହଞ୍ଚିଗଲି। ସେତେବେଳେ ଆପଣ ସ.ଅ ସାହାବାମାନଙ୍କ ମଧ୍ୟରେ ବିରାଜମାନ ଥିଲେ । ସେତେବେଳେ ମୁସଲମାନମାନଙ୍କର ପକ୍ଷ ଅଧିକ ସପକ୍ଷରେ ସୁଦୃଢ ଦୃଶ୍ୟମାନ ହେଉଥିଲା । ଅର୍ଥାତ୍ ଯୁଦ୍ଧର ପ୍ରାରମ୍ଭିକ ଅଂଶ ଥିଲା । ପୁନଶ୍ଚ ହଠାତ୍ ବିକ୍ଷିପ୍ତାବସ୍ଥା ଆସିବାରୁ ମୁସଲମାନମାନେ ଏଣେତେଣେ ବିକ୍ଷିପ୍ତ ହୋଇଗଲେ । ଅତଏବ୍ ଉକ୍ତ ଘଟଣାଟି ହେଉଛି ସେହି ଘଟଣା ଯେଉଁ ଘଟଣାରେ ମୁସଲମାନମାନେ ପର୍ବତର ଏକ ଫାଟକ ସ୍ଥାନକୁ ଛାଡ଼ି ଦେଇଥିଲେ ଏବଂ ଅବିଶ୍ୱାସକାରୀମାନେ ପଛ ପଟୁ ଆକ୍ରମଣ କରି ଦେଇଥିଲେ । ଆପଣ କୁହନ୍ତି ଯେ, ଅବିଶ୍ୱାସକାରୀମାନେ ଆଁହଜରତ ସ.ଅଙ୍କୁ ଚତୁର୍ପାର୍ଶ୍ୱରୁ ଯୁଦ୍ଧ ପାଇଁ ଆମନ୍ତ୍ରିତ କଲେ । ଉକ୍ତ ଅବସ୍ଥା ଦେଖି ମୁଁ ଛିଡ଼ା ହୋଇପଡ଼ିଲି ଏବଂ ଯୁଦ୍ଧ କରିବାକୁ ଲାଗିଲି । ମୁଁ ଖଡ଼୍‌ଗ ମାଧ୍ୟମରେ ଶତ୍ରୁକୁ ଆପଣ ସ.ଅଙ୍କ ପାଖକୁ ଆସିବାରୁ ଅଟକାଉଥିଲି । ତତ୍‌ସହିତ ମୁଁ ଧନୁର ଖୋଳରୁ ତୀର ବାହାରି କରି ଶତ୍ରୁ ଉପରେ ତୀର ଚଳାଉଥିଲି । ଏପର୍ଯ୍ୟନ୍ତକି ମୁଁ ସ୍ୱୟଂ ଆହତ ହୋଇଗଲି । ତାଙ୍କ କାନ୍ଧରେ ଗଭୀର ଆଘାତ ଲାଗିଥିଲା । ଯେତେବେଳେ ତାଙ୍କୁ ପଚରାଗଲା କି ତାଙ୍କୁ କିଏ ଆହତ କରିଥିଲା ? ସେତେବେଳେ ପ୍ରତ୍ୟୁତ୍ତରରେ ସେ କହିଲେ, ମୋତେ ଇବ୍‌ନେ କମ୍‌ଆ ଆହତ କରିଥିଲା । ହ. ଉମ୍ମେ ଉମ୍ମାରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ମୁସଲମାନମାନେ ସହସା ଆଁହଜରତ୍ ପାଖରୁ ବିକ୍ଷିପ୍ତ ହୋଇଗଲେ ସେତେବେଳେ ଇବ୍‌ନେ କମ୍‌ଆ ଏହା କହି ଆଗକୁ ଅଗ୍ରସର ହେଲା ଯେ, ମୋତେ ମୁହମ୍ମଦ୍ ସ.ଅଙ୍କୁ ଦେଖାଇ ଦିଅ ଏବଂ କିଏ ମୁହମ୍ମଦ ସ.ଅ ଅଟନ୍ତି ମୋତେ ଚିହ୍ନାଇ ଦିଅ ? ଯଦି ଆଜି ମୁହମ୍ମଦ୍ ସ.ଅ ବର୍ତ୍ତିଗଲେ ତେବେ ମୁଁ ବଞ୍ଚିବି ନାହିଁ । ଅର୍ଥାତ୍ ଆଜି ମୁହମ୍ମଦ୍ ସ.ଅ ରହିବେ କିମ୍ବା ମୁଁ ରହିବି । ଯେତେବେଳେ ଇବ୍‌ନେ କମ୍‌ଆ ପାଖକୁ ଆସିଲା ସେତେବେଳେ ମୁଁ ଓ ମସ୍‌ଅବ୍ ବିନ୍ ଉମୈର୍ ତା'ର ମାର୍ଗ ଅବରୋଧ କଲୁ। ସେ ସେତେବେଳେ ମୋ ଉପରେ ଆକ୍ରମଣ କରିଦେଲା । ଆକ୍ରମଣ କରି ମୋତେ କ୍ଷତାକ୍ତ କରିଦେଲା । ଅର୍ଥାତ୍ ତୁମେମାନେ ମୋର ଆହତ ହେବା ସଂକ୍ରାନ୍ତରେ ଯେଉଁ ପ୍ରଶ୍ନ ପଚାରୁଛ ଯେ, ମୁଁ କେମିତି ଆହତ ହେଲି । ତେଣୁ ଶୁଣିନିଅ ଯେ, ମୋତେ ଇବ୍‌ନେ କମ୍‌ଆ କାନ୍ଧ ଉପରେ ଆକ୍ରମଣ କରି ଆହତ କରିଦେଇଛି । ଏହି କ୍ଷତ ଇବ୍‌ନେ କମ୍‌ଆ ହିଁ ମୋତେ ଦେଇଛି । ମୁଁ ଇବ୍‌ନେ କମ୍‌ଆ ଉପରେ ଅନେକ ଥର ଆକ୍ରମଣ କଲି କିନ୍ତୁ ସେହି ଈଶ୍ୱରଙ୍କ ଶତ୍ରୁ ଦୁଇଟି ଲୌହ ପୋଷାକ ପିନ୍ଧିଥିଲା ।

ହୁଜୁର ଅନ୍ୱର୍ ଅ.ବ କହିଲେ, କେତେକ ବିଦ୍ୱାନମାନେ ଉଲ୍ଲେଖ କରିଛନ୍ତି ଯେ, ୱହୋଦ୍ ଯୁଦ୍ଧ ଅବସରରେ ନୁସୈବା ତାଙ୍କର ସ୍ୱାମୀ ହ. ଜୈଦ୍ ବିନ୍ ଆସିମ୍ ର.ଅ ଓ ତାଙ୍କର ଦୁଇ ପୁତ୍ର ଖୁବୈବ୍ ଓ ଅବ୍‌ଦୁଲ୍ଲାଃ ସମସ୍ତେ ଯୁଦ୍ଧ ପାଇଁ ଯାଇଥିଲେ ଏବଂ ଆଁହଜରତ ସ.ଅ ସେମାନଙ୍କୁ ସମସ୍ତଙ୍କୁ କହିଥିଲେ ଯେ, ଅଲ୍ଲାଃତାଲା ତୁମ ପରିବାରବର୍ଗ ଉପରେ ଦୟାବତୀର୍ଣ୍ଣ କରନ୍ତୁ । ଅନ୍ୟ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଅଲ୍ଲାଃତାଲା ତୁମ ପରିବାର ଉପରେ କଲ୍ୟାଣ ଅବତୀର୍ଣ୍ଣ କରନ୍ତୁ । ସେ ଯାହା ହେଉ ଆଁହଜରତ ସ.ଅ ଏହି ଦୁଆ ଯେତେବେଳେ କଲେ ସେତେବେଳେ ହ. ଉମ୍ମେ ଉମ୍ମାରାହ୍ ଅର୍ଥାତ୍ ନୁସିବା ଆପଣ ସ.ଅଙ୍କୁ କହିଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ଆମମାନଙ୍କ ନିମନ୍ତେ ଅଲ୍ଲାଃତାଲାଙ୍କ ନିକଟରେ ପ୍ରାର୍ଥନା କରନ୍ତୁ କି ଆମେମାନେ

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମ ଅହେମଦିମାନଙ୍କୁ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମମାନଙ୍କୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

ବୈକୁଣ୍ଠ ପୁରରରେ ଆପଣ ସ.ଅଙ୍କ ସହିତ ହେବୁ । ଆପଣ ସ.ଅ ଦୁଆ କରି କହିଲେ, ହେ ଅଲ୍ଲାଃ ! ଏମାନଙ୍କୁ ସ୍ୱର୍ଗରେ ମୋର ସାଥି ଓ ବନ୍ଧୁ କରିଦିଅ । ହ. ଉମ୍ମେ ଉମ୍ମାରାହ୍ ର.ଅ କହିଲେ ଯେ, ମୋତେ ବର୍ତ୍ତମାନ ଆଉ କୌଣସି କଥାର ଚିନ୍ତା ନାହିଁ ଯେ, ସଂସାରରେ ମୋ ଉପରେ କ'ଣ ବିତିବ ? ମୋତେ ଆଁହଜରତ ସ.ଅଙ୍କ ଏହି ଆଶୀର୍ବାଦ ପ୍ରାପ୍ତ ହୋଇଗଲା । ଏହା ମୋ ପାଇଁ ଯଥେଷ୍ଟ ଅଟେ । ଆଁହଜରତ ସ.ଅ ତାଙ୍କ ସଂପର୍କରେ କହିଲେ, ମୁଁ ଓହୋଦ୍ ଯୁଦ୍ଧ ଦିନ ବାମପାର୍ଶ୍ୱ ଓ ଡାହାଣ ପାର୍ଶ୍ୱ ଯୁଆଡ଼େ ଦେଖୁଥିଲି ସିଆଡ଼େ ଖାଲି ମୁଁ ଉମ୍ମେ ଉମ୍ମାରାହ ର.ଅଙ୍କୁ ଦେଖୁଥିଲି । ସେ ମୋତେ ସୁରକ୍ଷା ଦେବା ପାଇଁ ଶତ୍ରୁ ସହିତ ଲଢୁଥିଲେ । ଓହୋଦ୍ ଯୁଦ୍ଧ ଜିନ ହ. ଉମ୍ମେ ଉମ୍ମାରାହ୍ ର.ଅଙ୍କୁ 12ଟି କ୍ଷତା ଲାଗିଥିଲା । ସେହି କ୍ଷତ ଚିହ୍ନ ମଧ୍ୟରେ ବର୍ଚ୍ଛାର କ୍ଷତ ମଧ୍ୟ ରହିଥିଲା ଓ ଖଡ଼୍‌ଗର କ୍ଷତ ମଧ୍ୟ ରହିଥିଲା । **(ଅସ୍ ସିରତୁଲ୍ ହଲବିୟାହ୍, ଭାଗ-2, ପୃ-313-314, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍, 2008 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ଉମ୍ମେ ଉମ୍ମାରାହଙ୍କ ସଂକ୍ରାନ୍ତରେ ହ. ମିର୍ଜା ବଶୀର୍ ଅହମଦ୍ ସାହେବ ର.ଅ ଏହିପରି ଉଲ୍ଲେଖ କରିଛନ୍ତି ଯେ, "ଜନୈକା (ଜଣେ) ମୁସଲମାନ ମହିଳା ଯାହାଙ୍କ ନାମ ଉମ୍ମେ ଉମ୍ମାରାହ୍ ଥିଲା ସେ ନିଜ ହାତରେ ଖଡ଼୍‌ଗ ଧରି ଶତ୍ରୁକୁ ମାରି ଓ ଚିରି ଆଁହଜରତ ସ.ଅଙ୍କ ପାଖରେ ପହଞ୍ଚିଲେ । ସେତେବେଳେ ଅବ୍‌ଦୁଲ୍ଲାଃ ବିନ୍ କମ୍‌ଆ ଆପଣ ସ.ଅଙ୍କ ଉପରେ ଆକ୍ରମଣ କରିବା ନମିନ୍ତ ଆଗକୁ ଅଗ୍ରସର ହେଉଥିଲା । ମୁସଲମାନ ମହିଳା ଜଣକ ତୁରନ୍ତ ଆଗକୁ ଅଗ୍ରସର ହୋଇ ନିଜ ଉପରେ ଅବ୍‌ଦୁଲ୍ଲାଃ ବିନ୍ କମ୍‌ଆର ପ୍ରହାର ନେଇନେଲେ ଓ ଖଡ଼୍‌ଗ ମାରି ତା'ଉପରେ ଅର୍ଥାତ୍ ଇବ୍‌ନେ କମାଅ ଉପରେ ଉମ୍ମେ ଅମ୍ମାରାହ୍ ପ୍ରହାର କରିବାକୁ ଲାଗିଲେ । କିନ୍ତୁ ଅବ୍‌ଦୁଲ୍ଲାଃ ବିନ୍ କମ୍‌ଆ ଏକ ଦୋହୋରା (ଡବଲ୍) ଲୌହ ପୋଷାକ ପିନ୍ଧିଥିଲା । ସେ ଜଣେ ପୁରୁଷ ବ୍ୟକ୍ତି ଥିଲା ଏବଂ ଉମ୍ମେ ଅମ୍ମାରାହ୍ ଜଣେ ମହିଳା ଥିଲେ । ସେଇଥି ପାଇଁ ସଠିକ୍ ପ୍ରହାର ହୋଇ ପାରିଲା ନାହିଁ । ଇବ୍‌ନେ କମ୍‌ଆ ଲମ୍ଫ ମାରିଲା ଏବଂ ମୁସଲମାନମାନଙ୍କର ଧାଡ଼ିକୁ ଚିରି ଆଗକୁ ଚାଲି ଆସିଲା ଏବଂ ସାହାବାମାନେ ତା'କୁ ଅଟକାଇବାକୁ ଖୁବ୍ ଚେଷ୍ଟା କଲେ । ଅଟକାଉ ଅଟକାଉ ଇବ୍‌ନେ କମ୍‌ଆ ଆଁହଜରତ ସ.ଅଙ୍କ ପର୍ଯ୍ୟନ୍ତ ପହଞ୍ଚିଗଲା ଏବଂ ପହଞ୍ଚିବା ମାତ୍ରେ ସେହି ଦିନ ଅତ୍ୟନ୍ତ ନିର୍ଦ୍ଦୟତାର ସହିତ ଆଁହଜରତ ସ.ଅଙ୍କ ମୁଖମଣ୍ଡଳ ଉପରେ ପ୍ରହାର କଲା । ଏହା ଦ୍ୱାରା ସାହାବାମାନଙ୍କ ହୃଦୟ ଆନ୍ଦୋଳିତ ହୋଇଗଲା । ପ୍ରାଣୋତ୍ସର୍ଗୀ ତଲ୍‌ହା ର.ଅ ତୁରନ୍ତ ଲମ୍ଫ ମାରି ସେହି ପ୍ରହାର ନିଜର ଫୁଙ୍ଗୁଳା ହସ୍ତରେ ନେଇନେଲେ । କିନ୍ତୁ ଇବ୍‌ନେ କମ୍‌ଆର ଖଡ଼୍‌ଗ ହ. ଅବୁ ତଲ୍‌ହା ର.ଅଙ୍କ ହସ୍ତକୁ ଚିରି ଆପଣ ସ.ଅଙ୍କ ପାର୍ଶ୍ୱରେ ଯାଇ ପଡ଼ିଲା । କ୍ଷତ ତ' ଅଲ୍ଲାଃତାଲାଙ୍କ କୃପାରୁ ଆଁହଜରତ ସ.ଅଙ୍କୁ ଆସିଲା ନାହିଁ। କାରଣ ଆପଣ ସ.ଅ ଶରୀର ଉପରେ 2ଟି ଲୌହା ପୋଷାକ ପିନ୍ଧିଥିଲେ ଏବଂ ଶକ୍ତିଶାଳୀ ପ୍ରହାର ହ. ତଲହା ର.ଅଙ୍କ ପ୍ରାଣୋତ୍ସର୍ଗୀତା ଠାରୁ କମ୍ ହୋଇସାରିଥିଲା । କିନ୍ତୁ ଉକ୍ତ ଘଟଣାକୁ ଦେଖି ଆପଣ ସ.ଅ ଚେତାଶୂନ୍ୟ ହୋଇ ତଳେ ପଡ଼ିଗଲେ ଏବଂ ଇବ୍‌ନେ କମ୍‌ଆ ଆନନ୍ଦିତ ହୋଇ ଶ୍ଳୋଗାନ ଦେଲା ଯେ, ମୁଁ ମୁହମ୍ମଦ ସ.ଅଙ୍କୁ ମାରି ଦେଇଛି। ଇବ୍‌ନେ କମ୍‌ଆ ତ' ଆଁହଜରତ ସ.ଅଙ୍କ ଉପରେ ପ୍ରହାର କରି ଆନନ୍ଦିତ ହୋଇ ଶ୍ଳୋଗାନ୍ ଦେଇ ପଛକୁ ଘୁଞ୍ଚିଗଲା । ସେ ନିଜ ଧାରଣାରେ ସେ ଏହା ଭାବିଲା ଯେ, ସେ ଆଁହଜରତ ସ.ଅଙ୍କୁ ହତ୍ୟା କରି ଦେଇଛି ଏବଂ ସେ କହିଲା, ମୁଁ ଆଁହଜରତ ସ.ଅ.ଙ୍କୁ ହତ୍ୟା କରିଦେଇଛି । କିନ୍ତୁ ଆଁହଜରତ ସ.ଅ ଯେମିତି ତଳେ ପଡ଼ିଗଲେ ସେହି ମୁହୂର୍ତ୍ତରେ ହିଁ ହ. ଅଲୀ ର.ଅ ଓ ହ. ତଲ୍‌ହା ର.ଅ ତୁରନ୍ତ ଆପଣ ସ.ଅଙ୍କୁ ଉପରକୁ ଉଠାଇ ନେଲେ । ଏହା ଜାଣି ମୁସଲମାନମାନଙ୍କର ନିରାଶ ଚେହେରାରେ ପୁନଃ ଆନନ୍ଦିତ ହୋଇ ଉଠିଲା । କାରଣ ଆଁହଜରତ ସ.ଅ ଜୀବିତ ଅଛନ୍ତି । ବର୍ତ୍ତମାନ ଧୀରେ ଧୀରେ ଯୁଦ୍ଧର ପ୍ରକୋପ ହ୍ରାସ ପାଇବାକୁ ଲାଗିଲା । କାରଣ ଅବିଶ୍ୱାସକାରୀମାନେ ଆଁହଜରତ ସ.ଅଙ୍କ ମୃତ୍ୟୁ ସୂଚନା ଶୁଣି କିଛିଟା ଢିଲା ପଡ଼ି ଯାଇଥିଲେ । ସେମାନେ ତୃପ୍ତ ହୋଇଯାଇଥିଲେ । ତେଣୁ ସେମାନେ ଯୁଦ୍ଧ ଆଡୁ ଧ୍ୟାନ ହଟାଇ ନିଜର ନିହତ ସୈନ୍ୟମାନଙ୍କ ସେବା ଶୁଶ୍ରୂଷା ଏବଂ ମୁସସଲମାନମାନଙ୍କର କେତେକ ଶବର ମର୍ଯ୍ୟାଦା କ୍ଷୁର୍ଣ୍ଣ କରିବା ପ୍ରତି ମନ ବଳାଇଥିଲେ । ଅନ୍ୟ ପଟରେ ମୁସଲମାନମାନେ ମଧ୍ୟ ବିକ୍ଷିପ୍ତ ହୋଇ ସାରିଥିଲେ।"**(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ମିର୍ଜା ବଶୀର୍ ଅହମଦ୍ ଏମ୍.ଏ ସାହେବ ର.ଅ, ପୃ-496-497)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯୁଦ୍ଧରେ ଅବୁ ସୁଫିୟାନ୍ ସହିତ କଥାବାର୍ତ୍ତାର ମଧ୍ୟ ଚର୍ଚ୍ଚା ମିଳେ । କୁରୈଶ୍‌ମାନେ କିପରି ଫେରିଲେ ଏହାର ଚର୍ଚ୍ଚା ମଧ୍ୟ ମିଳେ । ଓହୋଦ୍ ଯୁଦ୍ଧ ଦିନ ଯେତେବେଳେ ଆଁହଜରତ ସ.ଅ ସାହାବାମାନଙ୍କ ସହିତ ପର୍ବତ ଉପରେ ଚଢିଲେ ସେତେବେଳେ ଅବିଶ୍ୱାସକାରୀମାନେ ମଧ୍ୟ ଆପଣ ସ.ଅଙ୍କ ପଛରେ ଆସିଲେ। ସୁତରାଂ ସହି ବୁଖାରୀର ବର୍ଣ୍ଣନା ରହିଛି ଯେ, ଅବୁ ସୁଫିୟାନ୍ ତିନି ଥର ଡାକ ମାରି କହିଲା, ହେ ମୁସଲମାନମାନେ ! କ'ଣ ତୁମମାନଙ୍କ ମଧ୍ୟରେ ମୁହମ୍ମଦ୍ ସ.ଅ (ଜୀବିତ) ଅଛନ୍ତି କି ? ନବୀ କରୀମ୍ ସ.ଅ ସାହାବାମାନଙ୍କୁ ଉତ୍ତର ଦେବାରୁ ଅଟକାଇଦେଲେ। ପୁନଶ୍ଚ ଅବୁ ସୁଫିୟାନ ତିନି ଥର ଏହି ଡାକ ମାରିଲା ଯେ,ହେ ମୁସଲମାନମାନେ! କ'ଣ ତୁମମାନଙ୍କ ମଧ୍ୟରେ ଅବୁ କାହାଫାଙ୍କ ପୁତ୍ର ଅର୍ଥାତ୍ ହ. ଅବୁ ବକ୍କର ଅଛନ୍ତି କି ? ଅବୁ ସୁଫିୟାନ୍ ପୁନଶ୍ଚ ତିନି ଥର ପଚାରିଲା ଯେ, ହେ ମୁସଲମାନମାନେ ! କ'ଣ ତୁମମାନଙ୍କ ମଧ୍ୟରେ ଇବ୍‌ନେ ଖତ୍ତାବ୍ ଅର୍ଥାତ୍ ଉମର୍ ର.ଅ ଜୀବିତ ଅଛନ୍ତି କି? ତତ୍ପରେ ସେ ନିଜର ସାଥିମାନଙ୍କ ଆଡ଼କୁ ଫେରିଗଲା ଏବଂ କହିବାକୁ ଲାଗିଲା ଯେ, ହେ କୁରୈଶ୍! ମୁଁ ଯେଉଁ ନାମ ଉଚ୍ଚାରଣ କରିଛି ଏମାନେ ସମସ୍ତେ ମୃତ୍ୟୁବରଣ କରିଛନ୍ତି, ହେ ମୁସଲମାନମାନେ! କ'ଣ ତୁମମାନଙ୍କ ମଧ୍ୟରେ ମୁହମ୍ମଦ୍ ସ.ଅ ଜୀବିତ ଅଛନ୍ତି କି? ଏହା ଶୁଣି ହ. ଉମର୍ ର.ଅ ନିଜକୁ ସମ୍ଭାଳି ନପାରି କହିଲେ, ହେ ଅଲ୍ଲାଃଙ୍କ ଶତ୍ରୁ ଅବୁ ସୁଫିୟାନ୍ ! ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ତୁମେ ଯାହା କହିଛ ତାହା ସବୁ ମିଛି କହିଛ । ତୁମେ ଯେଉଁସବୁ ନାମ ଉଚ୍ଚାରଣ କରିଛି ସେମାନେ ସମସ୍ତେ ଜୀବିତ ଅଛନ୍ତି। ଯେଉଁ କଥା ଅସହ୍ୟ ଅଟେ ତହିଁରେ ମଧ୍ୟ ତୋ ନିମନ୍ତେ ଅନେକ କିଛି ବାକି ରହିଛି । ଉକ୍ତ ବର୍ଣ୍ଣନାଟି ବୁଖାରୀର ଅଟେ । **(ସହିହୁଲ୍ ବୁଖାରୀ, କିତାବୁଲ୍ ଜିହାଦ୍ ୱସ୍ ସୈର୍, ବାବ୍- ମା ୟକ୍ରହୁ ମିନତ୍ ତନାଜିଅ ୱଲ୍ ଇଖତିଲାଫି ଫିଲ୍ ହର୍ବି)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅବୁ ସୁଫିୟାନ କହିଲା, ଉକ୍ତ ଯୁଦ୍ଧ ହେଉଛି ବଦର୍ ଯୁଦ୍ଧର ପ୍ରତିଶୋଧ । ଯୁଦ୍ଧ ତ' ବାଲଟି ପରି ଅଟେ । କେତେବେଳେ ଗୋଟିଏ ପକ୍ଷ ବିଜୟ ହୁଏ ତ' ଆଉ କେତେବେଳେ ଅନ୍ୟ ପକ୍ଷର ବିଜୟ ହୋଇଥାଏ । ତୁମେମାନେ ଲୋକମାନଙ୍କ ମଧ୍ୟରୁ ଏପରି କିଛି ମୃତ ବ୍ୟକ୍ତି ପାଇବ ଯେଉଁମାନଙ୍କର ନାକ ଓ କାନ କଟା ଯାଇଛି । ଅର୍ଥାତ୍ ଶବକୁ ବିକୃତ କରି ଦିଆଯାଇଛି । ସେ କହିଲା, ମୁଁ ଶବକୁ ବିକୃତ କରିବା ନିମନ୍ତେ ନିଜର ସୈନ୍ୟବାହିନୀକୁ ଆଦେଶ ଦେଇ ନାହିଁ । କିନ୍ତୁ ମୁଁ ଏପରି କୃତ୍ୟ କରିବାକୁ ଖରାପ ବୋଲି ମଧ୍ୟ ମନେକରୁ ନାହିଁ । ପୁନଶ୍ଚ ଏତଦ୍‌ପରେ ଅବୁ ସୁଫିୟାନ୍ ଜୟଗାନମୂଳକ ପଂକ୍ତି ପାଠ କରିବାକୁ ଲାଗିଲା ଯେ, اُعْلُ هُبَل۔ اُعْلُ هُبَل ଅର୍ଥାତ୍ ହୁବୁଲ୍‌ଙ୍କର ଜୟ ହେଉ, ହୁବୁଲ୍‌ଙ୍କର ଜୟ ହେଉ । ନବୀ କରୀମ୍ ସ.ଅ ନିଜର ସାହାବାମାନଙ୍କୁ କହିଲେ, ହେ ସାହାବାମାନେ ! ତୁମେମାନେ ଅବୁ ସୁଫିୟାନ୍‌କୁ ଉତ୍ତର ଦେଉ ନାହଁ କାହିଁକି ଯେ, اَللّٰهُ اَعْلٰى وَاَجَلّ ? ସାହାବାମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ କ'ଣ କହିବୁ ? ଆପଣ ସ.ଅ କହିଲେ, ହେ ସାହାବାମାନେ! ତୁମେମାନେ ଏହା କୁହ କି ଅଲ୍ଲାଃତାଲା ସମସ୍ତ ମର୍ଯ୍ୟାଦା ଓ ମହିମାରା ଅଧିକାରୀ ଅଟନ୍ତି । ଅବୁ ସୁଫିୟାନ୍ ପୁନଶ୍ଚ କହିଲା, ହେ ମୁସଲମାନମାନେ ଆମ ପାଖରେ ଉଜ୍ଜା ନାମକ ପିତୁଳା (ମୂର୍ତ୍ତି) ରହିଛି ଏବଂ ତୁମ ପାଖରେ କୌଣସି ଉଜ୍ଜା ଠାକୁର ନାହିଁ । ନବୀକ କରୀମ୍ ସ.ଅ ଉକ୍ତ କଥା ଶୁଣି ସାହାବାମାନଙ୍କୁ କହିଲେ, ହେ ସାହାବାମାନେ! ତୁମେମାନେ ଅବୁ ସୁଫିୟାନ୍ ଉକ୍ତ କଥାର ଉତ୍ତର ଦେବ ନାହିଁ ? ସାହାବାମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ **(ଅବଶିଷ୍ଟାଂଶ...ପୃ-12ରେ)** କ'ଣ

## ଏମ୍.ଟି.ଏ ଇଣ୍ଟରନ୍ୟାସ୍‌ନଲ୍ ଇଣ୍ଡିୟା ଷ୍ଟୁଡ଼ିଓ ପକ୍ଷରୁ ଏକ ଅନନ୍ୟ ଉପସ୍ଥାପନ "ପୁସ୍ତକ ପରିଚୟ"

ରୁହାନୀ ଖଜାଏନ୍ ଏବଂ ଅନ୍‌ୱାରୁଲ୍ ଉଲୁମ୍‌ର ସାମଗ୍ରିକି ସମୀକ୍ଷା ଏମ୍.ଟି.ଏ ଇଣ୍ଟରନ୍ୟାସ୍‌ନଲ୍ ଇଣ୍ଡିୟା ଷ୍ଟୁଡ଼ିଆ ପକ୍ଷରୁ "**ପୁସ୍ତକ ପରିଚୟ**" ଉପରେ ଆଧାରିତ ଏକ ନୂତନ ତଥ୍ୟଭିତ୍ତିକ ସିରିଜ୍ ଉପସ୍ଥାପିତ କରାଯାଉଅଛି । ଯହିଁରେ ରୁହାନୀ ଖଜାଏନ୍, ଅନୱାରୁଲ୍ ଉଲୁମ ଗ୍ରନ୍ଥର ପୁସ୍ତକ ପରିଚୟ ଉପସ୍ଥାପିତ କରାଯାଇଥାଏ। ଏହି କାର୍ଯ୍ୟକ୍ରମଗୁଡ଼ିକ ମୁଖ୍ୟତଃ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ନିମନ୍ତେ ଜ୍ଞାନଭିତ୍ତିକ, ଆଧାତ୍ମିକ ଓ ସାଂସ୍କାରିକ ଦୃଷ୍ଟିରୁ ଅତ୍ୟନ୍ତ ଉପାଦେୟ ଅଟନ୍ତି । ଉକ୍ତ କାର୍ଯ୍ୟକ୍ରମ ସାହାଯ୍ୟରେ ପୁସ୍ତକଗୁଡ଼ିକୁ ବୁଝିବାରେ ବେଶ୍ ସହାୟକ ଏବଂ ପୁସ୍ତକ ଅଧ୍ୟୟନ କରିବା ପ୍ରତି ସଦସ୍ୟବୃନ୍ଦଙ୍କ ମଧ୍ୟରେ ଆଗ୍ରହ ତଥା ରୁଚି ସୃଷ୍ଟି ହୋଇଥାଏ । ତେଣୁ ଉକ୍ତ କାର୍ଯ୍ୟକ୍ରମ ବେଳେବେଳେ ଏମ୍.ଟି.ଏରେ ପ୍ରସାରଣ କରାଯାଇଥାଏ ଏବଂ ତତ୍‌ସହିତ ଏମ୍.ଟି.ଏ ଭାରତର ୟୁଟ୍ୟୁବ୍ ଚ୍ୟାନେଲ୍ (MTA International India Studios) ରେ ମଧ୍ୟ ଏହି କାର୍ଯ୍ୟକ୍ରମ ଉପଲବ୍ଧ ରହିଛି । ତେଣୁ ଜମାଅତ୍‌ର ସଦସ୍ୟବୃନ୍ଦ ନିଜର ସୁବିଧା ଅନୁଯାୟୀ ଏହି କାର୍ଯ୍ୟକ୍ରମଗୁଡ଼ିକରୁ ଉପକୃତ ହୋଇପାରିବେ । ଏମ୍.ଟି.ଏର ଅଫିସିୟାଲ୍ ୟୁଟ୍ୟୁବ୍ ଚ୍ୟାନେଲ୍‌କୁ ସବସ୍କ୍ରାଇବ କରନ୍ତୁ ଓ ହ୍ୱାଟସ୍ ଅପ୍ ଚ୍ୟାନେଲ୍‌କୁ ଫଲୋ କରନ୍ତୁ । କାରଣ ଆପଣମାନଙ୍କୁ ପ୍ରତ୍ୟେକ ନୂତନ କାର୍ଯ୍ୟକ୍ରମ ସଂପର୍କରେ ଯଥା ସମୟରେ ସୂଚନା ମିଳିପାରିବ ।

ଏମ୍.ଟି.ଏର ଅଫିସିୟାଲ୍ Youtube ଚ୍ୟାନେଲ୍

ଏମ୍.ଟି.ଏରଅଫିସିୟାଲ୍ Whatsappp ଚ୍ୟାନେଲ୍

## ଅଲ୍ଲାଃତାଲାଙ୍କ ବାଣୀ

**ଅଲ୍ଲାଃତାଲା କୁହନ୍ତି:** كُوْنُوْا مَعَ الصّٰدِقِيْنَ

(ଅତ୍ ତୌବା :119)

**ଅନୁବାଦ୍:** ହେ ବିଶ୍ୱାସାକାରୀମାନେ ସତ୍ୟବାଦୀଙ୍କ ସହ ସାମିଲ୍ ହୁଅ ।

**ତାଲିବେ ଦୁଆ:** Amina Begum Saheba, W/o- Mianjan Khan,
Jamat Ahmadiya Nargaon,
Dist- Cuttack, (Odisha)

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750

The Weekly **BADAR** Qadian

Qadian - 143516 Distt. Gurdaspur (Pb.)

Postal Reg. No.GDP-40/2023-2025 Vol. 10 Thursday- 25 September 2025 Issue No. 39

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

## ପୃ-11ରେ ବର୍ଣ୍ଣିତ ଖୁତ୍‌ବା ଜୁମାର 02-02-2024 ଅବଶିଷ୍ଟାଂଶ....

କହିବୁ ଓ କି ଉତ୍ତର ଦେବୁ ? ହ. ବରାଅ ବିନ୍ ଆଜିବ୍ ର.ଅ କୁହନ୍ତି ଯେ, ନବୀ କରୀମ୍ ସ.ଅ ଆମମାନଙ୍କୁ ଏହି ଉତ୍ତର ଦେବା ନିମନ୍ତେ କହିଲେ, اَللّٰهُ مَوْلَانَا وَلَا مَوْلٰى لَكُمْ । ଅର୍ଥାତ୍ ହେ ସାହାବାମାନେ ତୁମେମାନେ ଅବିଶ୍ୱାସକାରୀଙ୍କୁ ଏହା କୁହ କି ଅଲ୍ଲାଃତାଲା ଆମମାନଙ୍କର ସହାୟକ ଅଟନ୍ତି ଏବଂ ତୁମମାନଙ୍କର ସହାୟକ ଅଲ୍ଲାଃତାଲା ନୁହନ୍ତି । **(ସହିହୁଲ୍ ବୁଖାରୀ, କିତାବୁଲ୍ ଜିହାଦ୍ ୱସ୍ ସୈର୍, ବାବ୍- ମା ୟକ୍ରହୁ ମିନତ୍ ତନାଜିଅ ୱଲ୍ ଇଖତିଲାଫି ଫିଲ୍ ହର୍ବ, ହଦିସ୍ ନଂ-3039)**

**(ଅବଶିଷ୍ଟାଂଶ.....ପରବର୍ତ୍ତୀ ସଂଖ୍ୟାରେ)**

## ପୃ-06ରେ ବର୍ଣ୍ଣିତ ଖୁତ୍‌ବା 22-08-2025 ଜୁମାର ଅବଶିଷ୍ଟାଂଶ....

ପ୍ରଦର୍ଶନ କରୁଥିଲେ । ମାତାଶ୍ରୀ ଖିଲାଫତ୍‌କୁ ବହୁତ ଭଲ ପାଉଥିଲେ । ମାତାଶ୍ରୀଙ୍କ ଏହି ସ୍ପୃହା ଦ୍ୱାରା ମାତାଶ୍ରୀ ଆମମାନଙ୍କୁ ୱକ୍‌ଫ୍ କରିଥିଲେ ଏବଂ ନିଜର ୱକ୍‌ଫକୁ ନିର୍ବାହ କରିବାକୁ ଆମମାନଙ୍କୁ ସର୍ବଦା ଅନୁପ୍ରାଣିତ ଓ ତାଗିଦ୍ କରୁଥିଲେ ।

ମାତାଶ୍ରୀ ଆମମାନଙ୍କୁ ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷା ପ୍ରାପ୍ତ କରିବା ନିମନ୍ତେ ପ୍ରସ୍ତୁତ କରି ପ୍ରେରଣ କରୁଥିଲେ ଏବଂ ଏହିପରି ଭାବରେ ସଂସାରିକ ଶିକ୍ଷା ପ୍ରାପ୍ତ କରିବା ପ୍ରତି ମଧ୍ୟ ମାତାଶ୍ରୀ ଆମମାନଙ୍କର ଧ୍ୟାନ ଆକର୍ଷଣ କରୁଥିଲେ । ମାତାଶ୍ରୀ ସମସ୍ତ ସନ୍ତାନମାନଙ୍କୁ ଉତ୍ତମ ଓ ଉଚ୍ଚ ଶିକ୍ଷା ପ୍ରଦାନ କରିଥିଲେ। ଅଲ୍ଲାଃତାଲା ମାତାଶ୍ରୀଙ୍କ ପ୍ରତି ସଦୟ ହୁଅନ୍ତୁ । ବୈକୁଣ୍ଠରେ ମାତାଙ୍କ ସ୍ତରକୁ ଉନ୍ନୀତ କରନ୍ତୁ । ଆମିନ୍ ।"

**(ଅଲଫଜଲ୍ ଇଣ୍ଟର୍ ନ୍ୟାସ୍‌ନଲ୍, 12 ସେପ୍ଟେମ୍ବର 2025 ମସିହା, ପୃ-2-5)**

☆--☆--☆

## ଏମ୍.ଟି.ଏ ଇଣ୍ଟରନ୍ୟାସ୍‌ନଲ୍ ଇଣ୍ଡିଆ ଷ୍ଟୁଡ଼ିଓ ପକ୍ଷରୁ ଏକ ବିଶେଷ ଉପସ୍ଥାପନ "ଐତିହାସିକ କାର୍ଯ୍ୟକ୍ରମ"

ଜମାଅତ୍ ଅହମଦିୟାର ସ୍ୱର୍ଣ୍ଣିମ ଇତିହାସ ଉପରେ ଆଧାରିତ କାର୍ଯ୍ୟକ୍ରମ ! ଏମ୍.ଟି.ଏ ଇଣ୍ଟର୍‌ନ୍ୟାସ୍‌ନଲ୍ ଇଣ୍ଡିଆ ଷ୍ଟୁଡ଼ିଓ ପକ୍ଷରୁ ଏକ ବିଶେଷ ସିରିଜ୍ ଉପସ୍ଥାପିତ କରାଯାଉଅଛି । ଯହିଁରେ ଜମାଅତ୍ ଅହମଦିୟାର ଇତିହାସରେ ଘଟିଥିବା ମୁଖ୍ୟ ଘଟଣାବଳୀର ବିବରଣୀମାନ ଉପସ୍ଥାପିତ କରାଯାଇଛି । ଯେଉଁଠି ଉକ୍ତ ଘଟଣାବଳୀ ଘଟିଛି ଏହି କାର୍ଯ୍ୟକ୍ରମ ମୁଖ୍ୟତଃ ସେହି ଐତିହାସିକ ସ୍ଥାନକୁ ସେନ୍ଦ୍ର କରି ଉକ୍ତ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ତହିଁରେ ସଂକ୍ଷିପ୍ତ ଡକ୍ୟୁମେଣ୍ଟାରୀ (ପ୍ରାମାଣିକ ଭିଡ଼ିଓମାନ) ଇତ୍ୟାଦି ମଧ୍ୟ ଅନ୍ତର୍ଭୁକ୍ତ ରହିଛି । କାରଣ ଦର୍ଶକମାନେ ଏହା ଜାଣନ୍ତୁ ଯେ, ଏହି ସ୍ଥାନଗୁଡ଼ିକର ନାମ କ'ଣ, କେଉଁଠି ଏହି ସ୍ଥାନଗୁଡ଼ିକ ଅବସ୍ଥିତ ଅଟନ୍ତି? ଉକ୍ତ କାର୍ଯ୍ୟକ୍ରମ ବେଳେବେଳେ ଏମ୍.ଟି.ଏରେ ପ୍ରସାରଣ କରାଯାଇଥାଏ । ତତ୍‌ସହିତ ଏମ୍.ଟି.ଏ ଭାରତର ୟୁଟ୍ୟୁବ ଚ୍ୟାନେଲରେ ମଧ୍ୟ ଏହି କାର୍ଯ୍ୟକ୍ରମ ଉପଲବ୍ଧ ରହିଛି। ତେଣୁ ଜମାଅତ୍‌ର ସଦସ୍ୟବୃନ୍ଦ ନିଜର ସୁବିଧା ମୁତାବକ ଏହି କାର୍ଯ୍ୟକ୍ରମଗୁଡ଼ିକରୁ ଉପକୃତ ହୁଅନ୍ତୁ ଏବଂ ଜମାଅତ୍‌ର ଇତିହାସ ସହିତ ଅବଗତ ହୁଅନ୍ତୁ । ଏମ୍.ଟି.ଏର ଅଫିସିୟାଲ ୟୁଟ୍ୟୁବ୍ ଚ୍ୟାନେଲ୍‌କୁ ସବସ୍କ୍ରାଇବ କରନ୍ତୁ ଓ ହ୍ୱାଟସ୍ ଅପ୍ ଚ୍ୟାନେଲ୍‌କୁ ଫଲୋ କରନ୍ତୁ । କାରଣ ଆପଣମାନଙ୍କୁ ପ୍ରତ୍ୟେକ ନୂତନ କାର୍ଯ୍ୟକ୍ରମ ସଂପର୍କରେ ଯଥା ସମୟରେ ସୂଚନା ମିଳିପାରିବ ।

ଏମ୍.ଟି.ଏର ଅଫିସିୟାଲ୍ Youtube ଚ୍ୟାନେଲ୍

ଏମ୍.ଟି.ଏରଅଫିସିୟାଲ୍ Whatsappp ଚ୍ୟାନେଲ୍

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** اَلَيْسَ اللّٰهُ بِكَافٍ عَبْدَهٗ

(ଅଜ୍ ଜୁମର: 36)

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

**ତାଲିବେ ଦୁଆ:** Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

## କାଦିୟାନ୍ ସ୍ଥିତ ସୌନ୍ଦର୍ଯ୍ୟୀକରଣ ବିଭାଗରେ ମାଳି ସେବା କରିବାକୁ ଥିବା ଇଚ୍ଛୁକ ଓ ଆଗ୍ରହୀ ପ୍ରାର୍ଥୀମାନେ ଦୟାକାରି ଧ୍ୟାନ ଦିଅନ୍ତୁ

**ସର୍ତ୍ତାବଳୀ:**

(1) ପ୍ରାର୍ଥୀଙ୍କ ବୟସ 50 ବର୍ଷରୁ ଅଧିକ ହୋଇ ନଥିବ କି 18 ବର୍ଷରୁ କମ୍ ବୟସ ହୋଇ ନଥିବ ।

(2) ପ୍ରାର୍ଥୀଙ୍କର ଶିକ୍ଷାଗତ ଯୋଗ୍ୟତା ସଂପର୍କରେ କୌଣସି ସର୍ତ୍ତ ନାହିଁ ।

(3) ଜନ୍ମତିଥିର ପ୍ରମାଣ ସ୍ୱରୂପ କୌଣସି ସରକାରୀ ଅନୁଷ୍ଠାନ ଦ୍ୱାର ସ୍ୱୀକୃତ ପ୍ରାପ୍ତ ପ୍ରମାଣ ପତ୍ର ଗ୍ରହଣ ଯୋଗ୍ୟ ହେବ ।

(4) ଯେଉଁମାନେ ମର୍କଜ୍‌ର ନିଯୁକ୍ତି ସଂସ୍ଥାଙ୍କ ଦ୍ୱାରା ସାକ୍ଷାତ୍‌କାରରେ କୃତକାର୍ଯ୍ୟ ହେବେ ସେହି ପ୍ରାର୍ଥୀମାନେ ହିଁ ସେବା ନିମନ୍ତେ ଯୋଗ୍ୟ ବିବେଚିତ ହେବେ । ମାଳି କାର୍ଯ୍ୟରେ ଅଭିଜ୍ଞ ଥିବା ପ୍ରାର୍ଥୀମାନଙ୍କୁ ଅଗ୍ରାଧିକାର ଦିଆଯିବ ।

(5) ଇଣ୍ଟରଭ୍ୟୁ (ସାକ୍ଷାତ୍‌କାର)ରେ କୃତକାର୍ଯ୍ୟ ହେବା ସ୍ଥଳେ ପ୍ରାର୍ଥୀକୁ ନୂର୍ ହସ୍ପିଟାଲ୍ କାଦିୟାନଙ୍କ ଦ୍ୱାରା ବ୍ୟକ୍ତିଗତ ଖର୍ଚ୍ଚରେ ଡାକ୍ତରୀ ପରୀକ୍ଷା ପାଇଁ (ଖର୍ଚ୍ଚ ପ୍ରାୟ- 2500/-ଟଙ୍କା) ଖର୍ଚ୍ଚ କରିବାକୁ ପଡ଼ିବ । ଯେଉଁ ପ୍ରାର୍ଥୀ ନୂର୍ ହସ୍ପିଟାଲଙ୍କ ମେଡ଼ିକାଲ କର୍ତ୍ତୃପକ୍ଷ ବୋର୍ଡ଼ଙ୍କ ଅନୁଯାୟୀ ସୁସ୍ଥ ଏବଂ ସ୍ୱାସ୍ଥ୍ୟବାନ୍ ବିବେଚିତ ହେବେ ସେହି ପ୍ରାର୍ଥୀମାନେ ହିଁ ସେବା କରିବା ନିମନ୍ତେ ଯୋଗ୍ୟ ହେବେ ।

(6) ସିଲେକ୍‌ସନ୍ (ପ୍ରାର୍ଥୀ ଚୟନ) ହେବା ସ୍ଥଳେ ପ୍ରାର୍ଥୀକୁ କାଦିୟାନ୍‌ରେ ନିଜର ରହଣୀର ବ୍ୟବସ୍ଥା ନିଜେ କରିବାକୁ ପଡ଼ିବ ।

(7) କାଦିୟାନ୍ ଯିବା ଆସିବା ନିମନ୍ତେ ବାଟ ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ।

(8) ଉକ୍ତ ଘୋଷଣାର 2 ମାସ ମଧ୍ୟରେ ଯେଉଁ ଆବେଦନ କାର୍ଯ୍ୟାଳୟରେ ପ୍ରାପ୍ତ ହେବ ସେହି ଆବେଦନଗୁଡ଼ିକ ଉପରେ ହିଁ ବିଚାର କରାଯିବ ବା ବିଚାରକୁ ନିଆଯିବ ।

**ନୋଟ୍:** ଇଣ୍ଟରଭ୍ୟୁର ତାରିଖ ସହିତ ପ୍ରାର୍ଥୀକୁ ପରବର୍ତ୍ତୀ ସମୟରେ ଜଣାଇ ଦିଆଯିବ ।

**ଅଧିକ ତଥ୍ୟ ଜାଣିବା ପାଇଁ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରନ୍ତୁ**

ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ ଅହମଦିୟା କାଦିୟାନ୍, ଗୁର୍ଦାସପୁର, ପଞ୍ଜାବ, ପିନ୍ କୋଡ଼-143516, ମୋବାଇଲ୍ ନଂ:9888232530, 9682627592
କାର୍ଯ୍ୟାଳୟ: 01872-501130
Email:diwan@qadian.in

☆--☆--☆

## 2025 ମସିହାରେ ଅନୁଷ୍ଠିତ ହେବାକୁ ଥିବା ଜୈଲି ତନ୍‌ଜିମାତ୍ (ଜମାଅତ୍ ଅଧୀନସ୍ଥ ଗୋଷ୍ଠୀ ଯଥା ଖୁଦାମ୍, ଅନ୍‌ସାର୍ ଓ ଲଜ୍‌ନା ଇମାଇଲ୍ଲାଃ)ଙ୍କର ବାର୍ଷିକ ଇଜ୍‌ତିମା

ଚଳିତ ବର୍ଷ ସୟେଦିନା ହୁଜୁର ଅନ୍‌ୱର୍ ଅ.ବ ତିନି ଅଧୀନସ୍ଥ ଗୋଷ୍ଠୀ ଯଥା- ମଜ୍‌ଲିସ୍ ଖୁଦାମୁଲ୍ ଅହମଦିୟା ଭାରତ, ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ ଭାରତ ଓ ମଜ୍‌ଲିସ୍ ଲଜ୍‌ନା ଇମାଇଲ୍ଲାଃ ଭାରତଙ୍କ କାଦିୟାନ୍ ଦାରୁଲ୍ ଅମାନ୍ ଠାରେ ବାର୍ଷିକ ମର୍କଜି ଇଜ୍‌ତିମା ନିମନ୍ତେ ପ୍ରଦତ୍ତ 2025 ମସିହା ଅକ୍ଟୋବର ମାସ 24, 25, 26 ତାରିଖ, ଶୁକ୍ରବାର, ଶନିବାର ଓ ରବିବାରର ତାରିଖ ଦୟାବସ୍ଥଳ ରୂପେ ଅନୁମୋଦନ କରି ସ୍ୱୀକୃତି ପ୍ରଦାନ କରିଛନ୍ତି । ଜମାଅତ୍‌ର ସଦସ୍ୟବୃନ୍ଦମାନଙ୍କୁ ଅନୁରୋଧ କି ସେମାନେ ଉପରୋକ୍ତ ତାରିଖ ଅନୁଯାୟୀ ଇଜ୍‌ତିମାରେ ସାମିଲ୍ ହେବା ନିମନ୍ତେ ଯଥାସମ୍ଭବ ଉଦ୍ୟମ କରନ୍ତୁ । **(ସଦର୍ ମଜ୍‌ଲିସ୍ ଖୁଦାମୁଲ୍ ଅହମଦିୟା)**

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"

**(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି )**

**ତାଲିବେ ଦୁଆ:** Shenaz Begum, W/o- Sheikh Ghulam Ahmed & Family, Jamat Ahmadiya Bhadrak (Odisha)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan